ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 44 | 3 - 9 November 2024 | Sambalpur | Pages- 8 | Invitation Price Rs.10

## ରାମଲାଲାଙ୍କ ପ୍ରତିଷ୍ଠା ପରେ ଅଯୋଧାରେ ପ୍ରଥମ ଦୀପୋତ୍ସବ: ପ୍ରଧାନମନ୍ତ୍ରୀ ଜବାନଙ୍କ ସହ ମନାଇଲେ ଦୀପାବଳି

ନୂଆଦିଲ୍ଲୀ : ଗତ ଜାନୁଆରୀରେ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ହେବା ପରେ ଚଳିତ ବର୍ଷ ପ୍ରଥମଥର ପାଇଁ ଅଯୋଧାରେ ଦୀପାବଳି ବହୁ ଉତ୍ସାହ ଉଦ୍ଦୀପନା ସହ ପାଳନ କରାଯାଇଛି । ଦୀପୋତ୍ସବକୁ ନେଇ ପୂର୍ବରୁ ରହିଥିବା ସମସ୍ତ ରେକର୍ଡକୁ ପଛରେ ପକାଇ ଚଳିତ ଥର ଏହି ଉତ୍ସବ ପାଳନ କରାଯାଇଥିବା ବେଳେ ଏହା ଗିନିଜ୍ ବୁକ୍ ଅଫ଼ ରେକର୍ଡରେ ଆଉ ଏକ ନୂଆ ଫର୍ଦ ଯୋଡିଛି । ଏବର୍ଷ ଦୀପୋତ୍ସବରେ ଶ୍ରଦ୍ଧାଳୁମାନେ ଏକ ସାଙ୍ଗରେ ରାମ ମନ୍ଦିର ଏବଂ ସରଜୁ ନଦୀ ତଟରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଦୀପ ପ୍ରଜ୍ୱଳନ କରିଛନ୍ତି । ଏହାସହିତ ନଦୀ ତଟରେ ଏକାଥରକେ ୧୧୦୦ ବେଦାଚାର୍ଯ୍ୟ ସନ୍ଧ୍ୟା ଆଳତୀ କରିବା ମଧ ନୂଆ ରେକର୍ଡ ହୋଇଛି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର କଛ୍ ଠାରେ ଜବାନ ମାନଙ୍କ ସହ ଦୀପାବଳି ପାଳନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଜନ୍ମସ୍ଥାନ କେନ୍ଦୁଝର ଜିଲ୍ଲା ରାଇକଳା ଗାଁରେ ତାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଦୀପାବଳି ପାଳନ କରିଛନ୍ତି ।






सत्यमेव जयते



**ପବିତ୍ର ଦୀପାବଳି – ୨୦୨୪ ଉପଲକ୍ଷେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

ଓଡ଼ିଶା ସରକାର

**ପବିତ୍ର ଦୀପାବଳି ଅବସରରେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଅଭିନନ୍ଦନ । ସମସ୍ତଙ୍କ ଜୀବନରେ ଅଜ୍ଞାନ ଓ ଦୁଃଖର ଅନ୍ଧକାର ଦୂର ହୋଇ ଜ୍ଞାନ ଓ ସମୃଦ୍ଧିର ଆଲୋକ ବିଚ୍ଛୁରିତ ହେଉ ।

ଆମର ଅଭିଳଷିତ ବିକଶିତ ଓଡ଼ିଶା ଗଠନ ପାଇଁ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସମ୍ବଲପୁରରେ ମୋ ଭାରତ କାର୍ଯ୍ୟକ୍ରମ ସହିତ ଦୀପାବଳୀ

ସମ୍ବଲପୁର: ଭାରତର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ୨୭ ରୁ ୩୧ ତାରିଖ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ମୋ ଭାରତ କାର୍ଯ୍ୟକ୍ରମ ସହିତ ଦୀପାବଳୀ ଆୟୋଜିତ ହୋଇଯାଇଛି । ଜିଲ୍ଲା ଯୁବ ଅଧିକାରୀ ମାରିଆନସ୍ ବିଲୁଙ୍ଗ କହିଛନ୍ତି ଯେ, ମୋ ଭାରତ ସହିତ ଦୀପାବଳୀ ଆରମ୍ଭ ହେବାର ପ୍ରଥମ ବାର୍ଷିକୀ ପାଳନ ପାଇଁ ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପାଞ୍ଚଦିନ ବ୍ୟାପୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଅଭିଯାନ, ଟ୍ରାଫିକ ପୋଲିସର ସହଯୋଗରେ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ଅଭିଯାନ, ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇ ଯାଇଅଛି । ତତ୍ ସହିତ ମୋ ଯୁବ ଭାରତ ସମ୍ବଲପୁରର ଯୁବ ସ୍ୱେଚ୍ଛାସେବୀ, ଏବିସିଡ଼ି ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ରାଜେନ୍ଦ୍ର ଶତନାମୀ, ଏନଏସସିବି କଲେଜ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ମହାନ୍ତି, ଜାତୀୟ ସେବା ଯୋଜନା ରାଜ୍ୟ ପୁରସ୍କାର ପ୍ରାପ୍ତ ସ୍ୱେଚ୍ଛାସେବୀ ମାସୁଦ ଆଲମ, ଏବିସିଡ଼ି ଚାରିଟେବଲ ଟ୍ରଷ୍ଟର ଛାତ୍ରଛାତ୍ରୀ, ଏନଏସସିବି କଲେଜର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଏବଂ ନେହେରୁ ଯୁବା କେନ୍ଦ୍ରର ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ମନୋଭାବ ଜାଗ୍ରତ କରେଇବା ପାଇଁ ର୍ୟାଲିର ଆୟୋଜନ କରା ଯାଇଥିଲା । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ସଚେତନତା ରାଲି ସମ୍ବଲପୁର




ରେଳ ଷ୍ଟେସନରୁ ଆରମ୍ଭ ହେଇ କ୍ଷେତ୍ରରାଜପୁର ବଜାର, ଧନୁପାଲି ଛକ, ଗୋବିନ୍ଦଟୋଲା ମାର୍କେଟ ଦେଇ ଗୋଲ ବଜାରରେ ସମାପ୍ତ ହୋଇଥିଲା । ଲକ୍ଷ୍ମୀ ଟକିଜ, ଅଇଁଠାପଲି ଛକ, ଧନୁପାଲି ଛକ, ବରେଇପାଲି ଛକରେ ଯୁବ ସ୍ୱେଚ୍ଛାସେବୀମାନେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଲୋକମାନଙ୍କୁ ଟ୍ରାଫିକ ନିୟମ ପାଳନ କରିବା, ହେଲମେଟ ପିନ୍ଧି ଦୁଇ ଚକିଆ ଯାନ ଚଳାଇବା, ଚାରି ଚକିଆ ଯାନରେ ଯିବା ସମୟରେ ସିଟ ବେଲ୍ଟ ପରିଧାନ କରିବା, ଗାଡି ଚଲେଇବା ବେଳେ ଫୋନର ବ୍ୟବହାର ନ କରିବା, ଡ୍ରାଇଭିଙ୍ଗ ଲାଇସେନ୍ସ କରିବା ଇତ୍ୟାଦି ଉପରେ ସଚେତନ କରାଇଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ, ସମ୍ବଲପୁରର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାସୁଦ ଆଲମ, ସୁଶାନ୍ତ କୁମାର କେଓ୍ୱାଟ, ସାହିଲ ଦାସ, ସୋନୁ ସିଂ, ବିକାଶ ରାଣା, ଅପରାଜିତା ବନଛୋର, ବାବୁଲ ରାଣା, ସୌମ୍ୟ ରଞ୍ଜନ ପ୍ରଧାନ, ରଜତ ରାଣା, ଚିକ୍ ପ୍ରମୁଖ ଟ୍ରାଫିକ ପୋଷ୍ଟରେ ରହି ଟ୍ରାଫିକ ପୋଲିସଙ୍କୁ ସହାୟତା କରିବା ସହ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରେଇଥିଲେ । ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଝୀପାଲି ସରକାରୀ ଚିକିତ୍ସାଳୟ, ଫାଶୀମାଲ ଚିକିତ୍ସାଳୟ, ଭୋଜପୁର ବ୍ଲକ ଚିକିତ୍ସାଳୟରେ ରୋଗୀଙ୍କ ମଧ୍ୟରେ ଫଳ, ଟିଫିନ ପ୍ୟାକେଟ ବଣ୍ଟନ କରାଯାଇଥିଲା । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ଯୁବ ସ୍ୱେଚ୍ଛାସେବୀମାନେ ବ୍ୟକ୍ତିଗତ ଭାବରେ ଭାବ ବିନିମୟ କରି ସେମାନଙ୍କ ସୁବିଧା ଅସୁବିଧା ବାବଦରେ ବୁଝିଥିଲେ ।

## ଜିଲ୍ଲା ପ୍ରତିଷ୍ଠା ଦିବସ ଓ ମହୋତ୍ସବ 'ଦୁଲଦୁଲି' ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା: ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ 'ଦୁଲଦୁଲି -୨୦୨୫' ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷା ଅବୋଲି ସୁନୀଲ ନରଓ୍ୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । ପ୍ରତିଷ୍ଠା ଦିବସ ଏବଂ ମହୋତ୍ସବ ଆୟୋଜନ ପୂର୍ବକ କଳା ଓ ସଂସ୍କୃତି ବଜାୟ ରଖିବା ଦିଗରେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା କାର୍ଯ୍ୟକ୍ରମ ସଂଯୋଜନା ପୂର୍ବକ ବିଗତ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ପ୍ରତି ବର୍ଷ ପରି ଆସନ୍ତା ଜାନୁଆରୀ ୧ତାରିଖରେ ଜିଲ୍ଲା ପ୍ରତିଷ୍ଠା ଦିବସ ସହ ୫ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଦୁଲଦୁଲି ଅନୁଷ୍ଠିତ ହେବ । ଚଳିତ ବର୍ଷ ମହୋତ୍ସବ ସରବାହାଲ ଠାରେ ଅନୁଷ୍ଠିତ ନହୋଇ ବିଟିଏମ୍ ପଡ଼ିଆରେ ଆୟୋଜନ କରାଯିବାକୁ ବୈଠକରେ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା । ମହୋତ୍ସବ ସହିତ ପଲ୍ଲୀଶ୍ରୀ ମେଳାର ଆୟୋଜିତ ହେବ । ଚଳିତ ବର୍ଷ ଠାରୁ ମହୋତ୍ସବରେ ଗୋଟିଏ ଦିନ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଯିବାକୁ ସ୍ଥିର କରାଯାଇଛି । ବୈଠକ ପ୍ରାରମ୍ଭରେ ପୂର୍ବ ବର୍ଷ ମହୋତ୍ସବ କମିଟିର ସଭ୍ୟ ଜୟପ୍ରକାଶ କୁଅଁରଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭ୍ୟ/ସଭ୍ୟାମାନେ ମହୋତ୍ସବ ସଫଳ ଆୟୋଜନ ନେଇ ପ୍ରସ୍ତାବମାନ ଦେଇଥିଲେ । ସାଂସ୍କୃତିକ କମିଟି ଦ୍ୱାରା ସ୍ଥିର କରାଯାଇ ଦେଶର ଶାସ୍ତ୍ରୀୟ ନୃତ୍ୟ ଦଳମାନଙ୍କୁ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯିବାକୁ ଆଲୋଚନା କରାଯାଇଛି । ସେହିପରି ଦେଶ, ରାଜ୍ୟ ଓ ସ୍ଥାନୀୟ ଲୋକକଳା ଭିତ୍ତିକ ଦଳମାନଙ୍କୁ ଆମନ୍ତ୍ରଣ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ମହୋତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ କମିଟି ଗୁଡ଼ିକର ପୃଥକ ପୃଥକ ଭାବେ ବୈଠକ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି ।

## ଦୀପାବଳି ଉପଲକ୍ଷେ ପ୍ରଥମ ସମ୍ବଲପୁରୀ କବି ସମ୍ମିଳନୀ

କୁଚିଣ୍ଡା: କୁଚିଣ୍ଡା ବ୍ଲକ ଚନ୍ଦିନୀମାଲ ଠାରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ଧନ୍ୱନ୍ତରୀ ପୂଜା ଓ ଦୀପାବଳୀ ଉତ୍ସବ କୁ ମହା ସମାରୋହରେ ପାଳିତ ହୋଇ ଯାଇଛି । କଳାକାର ମାନେ ଉଭୟ ଦିନ ନିଜ ନିଜର କଳା ପ୍ରଦର୍ଶନ କରିଥିବା ବେଳେ ଚଳିତ ବର୍ଷ ସ୍ୱଭାବ କବି ଗଙ୍ଗାଧରଙ୍କ ମୃତ୍ୟୁର ଏକ ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ କୁଚିଣ୍ଡା ଉପଖଣ୍ଡରେ ପ୍ରଥମ କରି ଆନ୍ତଃ ଜିଲ୍ଲା ସମ୍ବଲପୁରୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଅଧାପକ ସତ୍ୟ ନାରାୟନ ପଟେଲଙ୍କ ଆବାହକତ୍ୱରେ ଓ ଦିଲ୍ଲୀପ କୁମାର ପାଣିଗ୍ରାହୀ ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ଜଳଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗଙ୍ଗାଧର ଙ୍କ ସାହିତ୍ୟରେ ପ୍ରକୃତି ଚେତନା ଓ ସଂସ୍କୃତି ସଚେତନତା ର ଭୂୟିଯସୀ ପ୍ରଶଂସା କରିଥିଲେ । ଅବସର ପ୍ରାପ୍ତ କଲେଜ୍ ଅଧକ୍ଷ ଓ ବିଶିଷ୍ଟ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ଭୁବନେଶ୍ୱର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପୂଜା କମିଟି ପକ୍ଷରୁ କୁବେର ନାୟକ ସ୍ୱାଗତ ଭାଷଣ ଓ ସତ୍ୟ ନାରାୟଣ ପଟେଲ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଚିଣ୍ଡା ଉପଖଣ୍ଡରେ ଆୟୋଜିତ ପ୍ରଥମ ସମ୍ବଲପୁରୀ କବି ସମ୍ମିଳନୀରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ନାୟକ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ଷୋହଳ ଜନ କବି ଓ କବୟିତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରି ପ୍ରଦାନ କରି ସମ୍ମାନିତ କରିଥିଲେ ।

## ଫଟୋଗ୍ରାଫର୍ସ ସଂଘର କର୍ମକର୍ତ୍ତା ନିର୍ବାଚନ

ସମ୍ବଲପୁର : ସମ୍ବଲପୁର ଫୋଟଗ୍ରାଫର୍ସ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି । ଅକ୍ଷୟ କୁମାର ପଣ୍ଡା ସଭାପତି ଓ ତପନ ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ବିପିନ ବିହାରୀ ନାୟକ ଉପ-ସଭାପତି, ନରେଶ ସିଂହ ଯୁଗ୍ମ-ସମ୍ପାଦକ, ନିକେତ ମେହତା କୋଷାଧକ୍ଷ ଭାବେ ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି । ଅନଲାଇନ୍‌ରେ ୧୨୦ ଜଣ ସଭ୍ୟଙ୍କ ମଧ୍ୟରୁ ୮୭ ଜଣ ଭୋଟ୍ ଦେଇଥିଲେ । ନିକେତ ମେହେତା ନିର୍ବାଚିତ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ । ଆଶିଷ କୁମାର ପ୍ରଧାନ, ସତ୍ୟଜିତ ପଣ୍ଡା, ମହମ୍ମଦ ଇକ୍ବାଲ, ମନୋଜ କଶ୍ୟପ ନିର୍ବାଚନରେ ସହଯୋଗ କରିଥିଲେ ।

## ସହସ୍ରାବ୍ଦୀସୂର୍ଯ୍ୟ ! ମହାତ୍ମାଗାନ୍ଧୀ

ଡକ୍ଟର ନାମଯଞ୍ଜ ମିଶ୍ର

ବାପୁଜୀ ହେ ! ତୁମ ଚରଣ ତଳେ,
ସାରା ବିଶ୍ୱ ଆଜି ପ୍ରଣତି ଢ଼ାଳେ
ସତ୍ୟ, ଅହିଂସାର ପୂଜାରୀ ହେ ! ତୁମେ
ତୁମ ନୀତି ଧରା ଲୋଡ଼େ ଆକୁଳେ ।
ପଶୁ ସିନା ଲଢ଼େ ନଖ ଦାନ୍ତରେ
ସଇତାନ ଖେଳେ ଅସ୍ତ୍ର ଶସ୍ତ୍ରରେ
ମଣିଷ ଲଢ଼ିବ ସତ୍ୟ ଅହିଂସାର
ଆୟୁଧେ, ଜଗାଇ ହୃଦ କମଳେ ।
ଜାତି, ଧର୍ମ, ଧନୀ, ଦରିଦ୍ର ଭେଦ
ମାନବତା ଲାଗି ବଡ଼ ବିପଦ
ଉଚ୍ଛେଦି ଏ ଯାକ, ସମତା ଏକତ୍ୱ
ବିରଚଇ ସ୍ୱର୍ଗ ଏ ଧରାତଳେ ।
ଅପରିଗ୍ରହ କୁ ଗ୍ରହଣ କର
ଶରୀର ଶ୍ରମରେ ଉଦର ଭର
ପ୍ରେମ ଓ ବିଶ୍ୱାସ କରିବ ଉଶ୍ୱାସ
ଲିଭାଇ ଆତଙ୍କ ହିଂସା ଅନଳେ ।
ତୁମ ଦେଶ ପ୍ରେମ ସତ୍ୟାଗ୍ରହ ରେ
ବିଟ୍ରିଶ କେଶରୀ ଥରିଲାଡରେ
ଛାଡି ତୋ ଶୋଷଣ କଲା ପଳାୟନ
ସ୍ୱାଧୀନ ହେଲା ଏ ଭାରତ ହେଲେ ।
ହିଂସା ଓ ଅସତ୍ୟ ଅନ୍ଧକାରରେ
ପଡି ବିଶ୍ୱ ଆଜି ତୁମକୁ ସ୍ମରେ
ସହସ୍ରାବ୍ଦୀସୂର୍ଯ୍ୟ । ଉଇଁ ଆସ ଆଜ
ନାଶ ଯୋର ତମଃ, ଏ ଧରାତଳେ ।

ବରପାଲିପଡ଼ା, ବଲାଙ୍ଗୀର

## ଏନ୍ ଏସ୍ ସି ବି କଲେଜରେ 'ଓଡ଼ିଆ ନାଟକ : ଅତୀତ ଓ ସାମ୍ପ୍ରତିକ ଧାରା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ସମ୍ବଲପୁର: ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଦୁର୍ଲ୍ଲଭ କୁମାର ସାଙ୍କ ସଭାପତିତ୍ୱରେ 'ଓଡ଼ିଆ ନାଟକ: ଅତୀତ ଓ ସାମ୍ପ୍ରତିକ ଧାରା' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର କେଶରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଏବଂ ବିଶିଷ୍ଟ ଲୋକସାହିତ୍ୟ ଗବେଷକ, ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ତଥା ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ଡକ୍ଟର ଦ୍ୱାରିକାନାଥ ନାୟକ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ । ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମାନରେ ବିଭାଗମୁଖ୍ୟ ତଥା ସହକାରୀ ପ୍ରଫେସର ଡକ୍ଟର ଶ୍ୟାମ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପାଠଚକ୍ର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ



ଉପସ୍ଥାପନ କରିଥିଲେ । ଓଡ଼ିଆ ବିଭାଗର ଅନ୍ୟତମ ସହକାରୀ ପ୍ରଫେସର ଡକ୍ଟର ରଶ୍ମିତା ରାଉତରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଦୁର୍ଲ୍ଲଭ କୁମାର ସା ଆଲୋଚନାଚକ୍ରର ଗୁରୁତ୍ୱ ଏବଂ ଉପାଦେୟତା ବିଷୟରେ ସୂଚନା ଦେଇଥିଲେ । ବିଭାଗର ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ବିଷ୍ଣୁପ୍ରିୟା ବାରିକ 'ଓଡ଼ିଆ ନାଟ୍ୟଧାରା', ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ପ୍ରିୟଙ୍କା ମୁନା 'ନାଟ୍ୟକାର କାଳୀଚରଣଙ୍କ 'ରକ୍ତମାଟି' ନାଟକ : ଏକ ବିଶ୍ଳେଷଣ', ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଡୋଲେଶ୍ୱରୀ ବାଗ 'ନାଟ୍ୟକାର ବିଜୟ କୁମାର ମିଶ୍ରଙ୍କ 'କୋକୁଆ' ନାଟକ : ଏକ ଅଧ୍ୟୟନ' ଓ ସ୍ନାତକ ତୃତୀୟ ବର୍ଷର ଛାତ୍ର ଆଲୋକ କୁମାର ପଣ୍ଡା 'ନାଟ୍ୟକାର ବିଜୟ ମିଶ୍ରଙ୍କ 'ତଟ ନିରଞ୍ଜନା' : ଏକ ଅନୁଶୀଳନ' ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ବିଭାଗର ଛାତ୍ରୀ ପ୍ରିୟଙ୍କା ମୁନା, ଡୋଲେଶ୍ୱରୀ ବାଗ୍, ଅଲିଭା ମେହେର, ଚନ୍ଦ୍ରକାନ୍ତି ସୁନା, ଲିସା ପଧାନ, ବବଲି ଷଣ୍ଡ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ଶେଷରେ ଅଧାପିକା ମେଞ୍ଚା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପାଠଚକ୍ର ସମ୍ପାଦକ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତନୁ କୁମାର ଦାନୀଙ୍କ ସମେତ ଶିବୁ କୁମାର ସ୍ୱାଇଁ, ଜୟାଦେବୀ ବାବୁ, ବିଷ୍ଣୁପ୍ରିୟା ବାରିକ, ଯମୁନା ବାଗ, ପ୍ରତ୍ୟୁଷ ସାହୁ, ଆଲୋକ ପଣ୍ଡା, ସୌରଭ, ଉମା ପାତ୍ର, ନିତୁ ରୋହିଦାସ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର ଶ୍ରୀମାନ ହେମନ୍ତ ଖୁଡ଼ିଆ ଚମତ୍କାର ଘୁବୁକୁଡୁ ବାଦ୍ୟ ପରିବେଷଣ କରି ଅତିଥିମାନଙ୍କ ସହ ଉପସ୍ଥିତ ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ ।

# ରାମାୟଣ କଥା : ମାତୃପିତୃ ଭକ୍ତିର ଅପୂର୍ବ ଗାଥା



ଡ଼ଃ ପ୍ରମୋଦ କୁମାର ପଣ୍ଡା

ପିତାଜ୍ଞାନୁସାରେ ପ୍ରଭୁ ରାମଚନ୍ଦ୍ର, ଦେବୀ ସୀତା ଓ ଲକ୍ଷ୍ମଣ ବନଗମନ ପୂର୍ବରୁ ମହାରାଜ ଦଶରଥ, ତିନିରାଣୀ ଓ ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ନେଲେ । ରାମଚନ୍ଦ୍ରଙ୍କ ବନବାସାଦେଶରେ ଅସନ୍ତୁଷ୍ଟ ପ୍ରଜା ଅଯୋଧାରାଜ ଦଶରଥଙ୍କ ପକ୍ଷପାତିତାର ତୀବ୍ର ବିରୋଧ କଲେ । ବିଦ୍ରୋହର ଗନ୍ଧ ସ୍ପଷ୍ଟ ବାରିହୋଇ ପଡୁଥାଏ ତାଙ୍କ ମଧରେ । ପ୍ରଜାବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ ପୂର୍ବକ ରାମଚନ୍ଦ୍ର ବେନୋଦ୍ୟତ ହୁଅନ୍ତେ ଅଯୋଧାର ଅସଂଖ୍ୟ ନରନାରୀ ତାଙ୍କ ପଥାନୁସରଣ କଲେ । ସେପଟେ ମହାରାଜ ଦଶରଥ ପୁତ୍ର ବିୟୋଗରେ ଘଡିକିଘଡି ସଂଜ୍ଞାହୀନ ହେବାକୁ ଲାଗିଲେ । ରାଣୀ କୌଶଲ୍ୟା ଓ ସୁମିତ୍ରା ଭର୍ତ୍ସନା କରୁଥାନ୍ତି ରଣୀ କୈକେୟୀଙ୍କୁ । ଶୁଭଲକ୍ଷଣା ପୁତ୍ରୀ କୈକେୟ ରାଜନନ୍ଦିନୀ ଅପେକ୍ଷାରତା ଥାନ୍ତି ପୁତ୍ର ଭରତ ସିଂହାସନାରୋହଣର ଶୁଭ ମୁହୂର୍ତ୍ତକୁ । କପଟୀ ମନ୍ଥରା ହସ କିନ୍ତୁ ପ୍ରତିଧ୍ୱନିତ କରୁଥାଏ ସମଗ୍ର ରାଜପ୍ରାସାଦର କୋଣ ଅନୁକୋଣ ।

ଶୃଙ୍ଗବେରପୁର ରାଜ୍ୟର ନିଶାଦରାଜ ଗୁହ୍ୟ ଥିଲେ ରାମଙ୍କ ବାଲ୍ୟବନ୍ଧୁ । ତାଙ୍କରି ରାଜ୍ୟସ୍ଥିତ ଜଙ୍ଗଲରେ କଟିଥିଲା ପ୍ରଭୁ ବନବାସର ପ୍ରଥମ ରାତି । ସାଙ୍ଗରେ ଥିଲେ ଅଯୋଧାର ଅସଂଖ୍ୟ ଜନତା । ଗୁହ୍ୟଙ୍କ ଆତିଥ୍ୟ ଗ୍ରହଣ ନକରି ବନ୍ୟ ଫଳମୂଳାହାର ଉପରାନ୍ତେ ବୃକ୍ଷମୂଳେ ଶୟନ କରିଥିଲେ ସମସ୍ତେ । ନିଦ୍ରିତାବସ୍ଥାରେ ପ୍ରଜାବର୍ଗ ତ୍ୟାଗି କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇଥିଲେ ରାମଚନ୍ଦ୍ର ପରଦିନ ପ୍ରତ୍ୟୁଷରେ । କେଉଁଟରାଜଙ୍କ ସହାୟତାରେ ସମୁଦ୍ରଗାମିନୀ ଗଙ୍ଗାପାର ପରେ ଉପସ୍ଥିତ ହୋଇଥିଲେ ଗଙ୍ଗାଯମୁନା ସଙ୍ଗମ ସ୍ଥଳସ୍ଥିତ ଋଷି ଭରଦ୍ୱାଜଙ୍କ ମନୋହର ଆଶ୍ରମରେ । ପରିଚୟପର୍ବ ଓ ଆଶିଷ ଗ୍ରହଣ ପରେ ଋଷି ଭରଦ୍ୱାଜ ନିଜ ଆଶ୍ରମରେ ଅବସ୍ଥାନ କରି ବନବାସ କାଟିବାକୁ ରାମଚନ୍ଦ୍ରଙ୍କୁ ଅନୁରୋଧ କରିବାରୁ ଏହା ବନବାସ ବିରୋଧି କହି ସେ କ୍ଷମା ଯାଚନା କରିଥିଲେ ।

ଋଷି ଭରଦ୍ୱାଜଙ୍କ ମାର୍ଗଦର୍ଶନରେ ତିରିଶ କୋଶ ଦୁରବର୍ତ୍ତୀ ସୁଖଦ ଓ ଏକାନ୍ତବାସ ଯୋଗ୍ୟ ଦୁର୍ଗମ ଚିତ୍ରକୂଟ ପର୍ବତରେ ପହଞ୍ଚିଲେ ଦୁଇଭାଇ ଓ ଜନକନନ୍ଦିନୀ ଜାନକୀ । ଏହି ପବିତ୍ର ପର୍ବତରେ ପୂର୍ବକାଳେ ତପସ୍ୟାରତ ଅନେକ ତପସ୍ୱୀ ଏବେ ସ୍ୱର୍ଗବାସୀ । କିନ୍ତୁ ସେମାନଙ୍କ ଅମର ଆତ୍ମା ଶ୍ୟାମବଟ ମୂଳେ ବିରାଜିତ ବୋଲି କୁହାଯାଏ । ଘନଜଙ୍ଗଲ ସ୍ଥିତ ମନୋରମ ବାଲ୍ମୀକି ଋଷ୍ୟାଶ୍ରମାଭିମୁଖେ ପଥାତିକ୍ରମ କରନ୍ତେ ବାଟରେ ଶୀତଳ ଛାୟା ପ୍ରଦାୟକ ଶ୍ୟାମବଟବୃକ୍ଷ ଦର୍ଶନ କରି ସିଦ୍ଧ ପୁରୁଷଙ୍କ ଆଶୀର୍ବାଦ ଭିକ୍ଷା କଲେ ସମସ୍ତେ । ସ୍ୱଳ୍ପକାଳ ବିଶ୍ରାମ ପଶ୍ଚାତ ପୁନଶ୍ଚ ଯାତ୍ରା ଆରମ୍ଭ କଲେ । ମହର୍ଷି ବାଲ୍ମୀକିଙ୍କ ରମଣୀୟ ଆଶ୍ରମରେ ପହଞ୍ଚି ତାଙ୍କର ଦର୍ଶନ ଓ କୃପା ଭିକ୍ଷା କଲେ । ପରେ ତାଙ୍କଠୁ ବିଦାୟ ନେଇ ନିଜ ପାଇଁ ଆବଶ୍ୟକ କୁଟୀର ନିର୍ମାଣରେ ଲାଗିଲେ । ଗୁହ୍ୟଙ୍କ ଗୁପ୍ତଚର ଚିତ୍ରକୂଟରୁ ଫେରି ନିଶାଦରାଜଙ୍କୁ ସମସ୍ତ ଖବର ଜଣାଇଲେ । ସୁମନ୍ତ ମନ ଦୁଃଖରେ ଅଯୋଧାଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ।

ସୁମନ୍ତ ମହାରାଜ ଦଶରଥଙ୍କ କେବଳ ମନ୍ତ୍ରୀ ନଥିଲେ । ସେ ଥିଲେ ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତ । ରଘୁକୁଳ ପରାମର୍ଶଦାତା । ରାମଚନ୍ଦ୍ରଙ୍କୁ ଫେରାଇ ଆଣିବାରେ ଅସମର୍ଥ ହୋଇଥିବା ଜାଣି ମହାରାଜ ଦଶରଥ ଅତ୍ୟଧିକ ଭାଂଗିପଡିଲେ । ପୁତ୍ର ବିୟୋଗରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଅଧିକ ଖରାପ ହେବାକୁ ଲାଗିଲା । ନୀରବୁହା ନୟନ ପୁତ୍ର ବିହୁନେ ଦୃଷ୍ଟିଦୋଷଯୁକ୍ତ ହେବାକୁ ବସିଲା । ଘଡିକି ଘଡି ସେ ମୂର୍ଚ୍ଛିତ ହେବାକୁ ଲାଗିଲେ । ରାମଚନ୍ଦ୍ର ବନବାସର ଷଷ୍ଠ ରାତି । ମନର ବ୍ୟଥା ସମ୍ଭାଳି ନପାରି ମହାରାଜ ଦଶରଥ ଅତୀତର ଏକ ଦୁଃଖଦ ଘଟଣା ତାଙ୍କ ଦୁଇ ରାଣୀଙ୍କ ଆଗରେ ବ୍ୟକ୍ତ କଲେ । ଘଟଣାଟି ଥିଲା ତାଙ୍କ କିଶୋରାବସ୍ଥାର । ଧନୁର୍ବିଦ୍ୟାରେ ଅତ୍ୟନ୍ତ ପାରଙ୍ଗମ ଓ ଶବ୍ଦଭେଦୀ ବାଣ ଚଳାଇବାରେ ସେ ଥିଲେ ସିଦ୍ଧହସ୍ତ । ଏକଦା ଶିକାର ଖେଳିବାକୁ ସେ ବଣକୁ ଯାଇଥାନ୍ତି । କୌଣସି ଶିକାର ତାଙ୍କର ହାତ ଲାଗୁନଥାଏ । ହାଠାତ ତାଙ୍କୁ ଶୁଣାଗଲା ଏକ ବଣ୍ୟଜନ୍ତୁର ପାଣି ପିଇବାର ଶବ୍ଦ । ଶବ୍ଦଭେଦୀ ବାଣ ଚଳେଇଲେ ମହାରାଜ ଦଶରଥ । ତାଙ୍କ ଶରାଘାତରେ ଗୁରୁତର ଆଘାତପ୍ରାପ୍ତ ହେଲେ ଜଣେ ଯୁବକ ଯିଏ ତାଙ୍କ ବୃଦ୍ଧ ମାତାପିତାଙ୍କ ତୃଷା ନିବାରଣ ପାଇଁ ଜଳ ନେବାକୁ ଆସିଥିଲେ ଝରଣାକୁ । ପ୍ରାଣ ତ୍ୟାଗିବା ପୂର୍ବରୁ ଯୁବକଟି ତା ମାତାପିତା ଅନ୍ଧ ଓ ତୃଷାର୍ତ୍ତ ବୋଲି ଜଣେଇଲା ମହାରାଜାଙ୍କୁ । ତାଙ୍କର ତୃଷା ନିବାରଣ ହେଲେ ସେ ଶାନ୍ତିରେ ମରିପାରିବ ବୋଲି କାକୁତି ମିନତି ହେଲା । ମହାରାଜା ଦଶରଥ ତା ପିତାମାତାଙ୍କ ତୃଷ୍ଣା ନିବାରଣ ସ୍ୱୟଂ କରେଇବେ ବୋଲି ବଚନ ଦେଲେ । ପ୍ରତିଶ୍ରୁତି ପାଇ ନିଶ୍ଚଳ ଓ ନିଷ୍ପନ୍ଦ ହୋଇ ଉଠିଥିଲା ତାର ପାର୍ଥିବ ଶରୀର । ପ୍ରାଣବାୟୁ ଉଡ଼ିଗଲା ତାଙ୍କର । ପାଣି ନେଇ ମହାରାଜ ପହଂଚିଲେ ଯୁବକର ପିତାମାତାଙ୍କ ନିକଟରେ । ସେମାନେ ଥିଲେ ଦୁର୍ବଳ ଓ ଦୃଷ୍ଟିହୀନ । ଦଶରଥଙ୍କ ପଦାହଟରୁ ଜାଣି ଯାଇଥିଲେ ଯେ ଇଏ ତାଙ୍କ ପୁତ୍ରର ପାଦଶବ୍ଦ ନୁହେଁ । ଭୟାତୁର ପତିପତ୍ନୀ ମହାରାଜାଙ୍କୁ ତାଙ୍କ ପରିଚୟ ପ୍ରଦାନ କରିବାକୁ କହି ପୁତ୍ର ଶ୍ରବଣ କୁମାରର ସମାଚାର ଜାଣିବାକୁ ଚାହିଁଲେ । ତା କଥା ପଚାରିଲେ । ଶଙ୍କାକୁଳ ମହାରାଜ ନିଜର ପରିଚୟ ପ୍ରଦାନ କରି ଶ୍ରବଣ କୁମାରର ଦୁଃଖଦ ମୃତ୍ୟୁ ଖବର ଜଣେଇଲେ । ନିଜର ଅଜାଣତ ଭୂଲ ପାଇଁ କ୍ଷମା ଯାଚନା କଲେ । ହେଲେ, ସେତେବେଳକୁ ଦୃଷ୍ଟିହୀନ ବୃଦ୍ଧ ବେସାହାରା ପତିପତ୍ନୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗି କୂଳ ଲଂଘି ସାରିଥିଲା । କ୍ରୋଧାନ୍ୱିତ ଋଷି ପତିପତ୍ନୀ 'ତୁମେ ମଧ ଆମ ଭଳି ଦୁର୍ଦ୍ଦଶା ଭୋଗିବ ଓ ପୁତ୍ର ବିଚ୍ଛେଦରେ ତୁମର ମୃତ୍ୟୁ ହେବ 'ବୋଲି ଅଭିଶାପ ଦେଲେ । ଏକମାତ୍ର ପୁତ୍ରମୃତ୍ୟୁ ପୀଡା ସହ୍ୟ କରିନପାରି ଉଭୟେ ଦେହତ୍ୟାଗ କଲେ । ଆଜି ମୋତେ ମୋର ସେହି କର୍ମ ଫଳ ଭୋଗିବାକୁ ପଡୁଛି କହି ମହାରାଜ ନିରବୀ ଗଲେ । ତାଙ୍କ ବାକରୁଦ୍ଧ ହୋଇଆସିଲା । ଚକ୍ଷୁ ଅନ୍ଧାରୁଆ ଦେଖାଗଲା । ଶରୀର ସ୍ଥିର ଏବଂ ଅବଶ ହେବାକୁ ଲାଗିଲା । ବିନା ଗଙ୍ଗା ଜଳ ପ୍ରାପ୍ତିରେ ପିଣ୍ଡରୁ ପ୍ରାଣ ବାହାରିଗଲା । କୁମାର ଶ୍ରବଣଙ୍କ ବୃଦ୍ଧ ଅନ୍ଧ ମାତାପିତାଙ୍କ ଅଭିଶାପ ସତ୍ୟ ହେଲା ।

ମାତାପିତା ନିଜ ଜନ୍ମିତ ସନ୍ତାନର ନିଃସ୍ୱାର୍ଥ ଯତ୍ନ କରନ୍ତି । ଛୋଟରୁ ବଡ଼ କରାନ୍ତି । ପ୍ରତିବଦଳରେ ତାଠାରୁ ତାଙ୍କର କିଛି ଆଶା ନଥାଏ । ବରଂ ତାରି ସୁଖରେ ସୁଖୀ ଓ ତାରି ଦୁଃଖରେ ଦୁଃଖୀ ହୁଅନ୍ତି ସେମାନେ । ମାତ୍ର ସନ୍ତାନ ବଡ଼ ହୋଇ ସବୁକିଛି ଭୁଲିଯାଏ । ମାତାପିତାଙ୍କ ଯତ୍ନନେବା ଦୁରେଥାଉ ବୃଦ୍ଧାଶ୍ରମରେ ଅନାବଶ୍ୟକ ବସ୍ତୁ ଭଳି ଫୋଂଫାଡ଼ି ଆସେ । ବୃଦ୍ଧାଶ୍ରମ ବୃଦ୍ଧିରେ ତାର ଯୋଗଦାନ ପାଇଁ ଗୌରବାନ୍ୱିତ ହୁଏ । ରାମାୟଣ ବର୍ଣ୍ଣିତ ଶ୍ରୀରାମଚନ୍ଦ୍ର ଓ ଶ୍ରବଣକୁମାର କଥାମୃତ ସେମାନଙ୍କ ଚକ୍ଷୁରୁନ୍ମିଳନ କରିବ ବୋଲି ଆଶା କରାଯାଏ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଓଜନ ହ୍ରାସ କରିବ ଜିରା

**ହ**ଜମ ଶକ୍ତି ବୃଦ୍ଧି କରେ : ଜିରା ହଜମ ଶକ୍ତିକୁ ବୃଦ୍ଧି କରିଥାଏ । ଏହା ଗ୍ୟାସ୍ ଓ ବଦହଜମୀ ଭଳି ସମସ୍ୟାକୁ ଦୂର କରିଥାଏ । ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଗ୍ୟାସ ଓ ପେଟ ସମସ୍ୟାକୁ ଦୂର କରିଥାଏ । ତେଣୁ ଜିରା କେବଳ ମସଲା ନୁହେଁ ବରଂ ଏକ ଆୟୁର୍ବେଦିକ ଔଷଧ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଚର୍ବି ହ୍ରାସ କରିବାରେ ସହାୟତା କରେ : ଜିରାରେ ରହିଥିବା ଗୁଣ ଶରୀରରେ ବଢୁଥିବା ଏକ୍ସଟ୍ରା ଚର୍ବିକୁ ଦୂର କରିବାରେ ସହାୟକ ହୋଇଥାଏ । ଏଥିପାଇଁ ନିୟମିତ ଭାବେ ପ୍ରତିଦିନ ଜିରା ସେବନ କରିବା ଦ୍ୱାରା ଶରୀର ଚର୍ବି ଅହେତୁକ ଭାବେ ହ୍ରାସ ଘଟିଥାଏ । ଏଥିସହିତ ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି ଇନ୍‌ଫ୍ଲାମେଟୋରୀ ଗୁଣ ଶରୀରର ମେଟାବଲିଜମ୍ ତୀବ୍ର କରିଥାଏ । ତେଣୁ ଓଜନ ହ୍ରାସ କରିବା ପାଇଁ ପ୍ରତିଦିନ ସକାଳୁ ଅଧା ଗ୍ଲାସ ଜିରା ପାଣି ପିଅନ୍ତୁ ।

ମେଟାବଲିଜମ୍ ବୁଷ୍ଟର : ଜିରାକୁ ନିୟମିତ ରୂପରେ ସେବନ କରିବା ଦ୍ୱାରା ମେଟାବଲିଜମ୍ ବୁଷ୍ଟ ହୋଇଥାଏ । ଏହାଦ୍ୱାରା ଶରୀର କ୍ୟାଲୋରି ବର୍ଣ୍ଣ କରିବାରେ ସହାୟକ ହୋଇଥାଏ । ଏଥିସହିତ ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଜିରା ପାଣି ପିଇବା ଦ୍ୱାରା ଶରୀର ଡିଟକ୍ସିଫାଇ ହୋଇଥାଏ ଓ ମୂତ୍ରଦ୍ୱାରା ବିଷାକ୍ତ ପଦାର୍ଥ ବାହାରି ଆସିଥାଏ ।

ଭୋକ ନିୟନ୍ତ୍ରଣ : ଜିରା ଭୋକ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ସକାଳୁ ଜିରା ପାଣି ପିଇବା ଦ୍ୱାରା ଅଧିକ ଖାଦ୍ୟ ଖାଇବାର ଲାଳସାକୁ ଦୂର କରେ । ଯେଉଁଥିପାଇଁ ଅଧିକ ଭୋକ ଲାଗେ ନାହିଁ । ପେଟ ପୁରିବା ପରି ଲାଗିଥାଏ ।



ଜିରା ପାଣି : ଏକ ଚାମଚ ଜିରାକୁ ରାତିରେ ଭିଜାଇ ସକାଳୁ ଏହାର ପାଣିକୁ ଛାଣି ପିଅନ୍ତୁ ।

ଜିରା ପାଉଡର : ଜୀରାକୁ ଭାଜି ଏହାର ପାଉଡର ପ୍ରସ୍ତୁତ କରନ୍ତୁ । ଏହାକୁ ସାଲାଡ, ଡାଲି ଓ ଅନ୍ୟ ବ୍ୟଞ୍ଜନରେ ବ୍ୟବହାର କରିପାରିବେ୍ ।

ଜିରା ଚା': ଏଥିପାଇଁ ଏକ କପ ପାଣିରେ ଏକ ଚାମଚ ଜିରା ପକାଇ ଫୁଟାନ୍ତୁ । ଯେତେବେଳେ ପାଣି ଅଧା ରହିଯିବ ଏହାକୁ ଛାଣି ପିଅନ୍ତୁ ସ୍ୱାଦ ଲାଗି ଏଥରେ ମହୁ ମିକ୍ସ କରନ୍ତୁ ବିଶେଷ ଫଳଦାୟୀ୍ ।

ଜଳଜିରା ଓ ଲେମ୍ବୁ ପାଣି : ଏକ ଗ୍ଲାସ୍ ଗରମ ପାଣିରେ ଏକ ଚାମଚ ଭଜା ଜିରା ଗୁଣ୍ଡ ପକାଇ ଏଥିରେ ସୈନ୍ଧବ ଲୁଣ ପକାନ୍ତୁ ଏଥୁସହିତ ଚଉଠ ଲେମ୍ବୁ ଚିପୁଡି ପିଅନ୍ତୁ ସକାଳୁ ଏହା ଖାଲିପେଟରେ ପିଇବା ବିଶେଷ ଫଳଦାୟୀ । ଏହି ପାଣି ପିଇବା ଦ୍ୱାରା ଓଜନ ହ୍ରାସ ଘଟିବାରେ ବିଶେଷ ଫଳପ୍ରଦ ହେବା ସହିତ ଫିଗରଫିଟନେସ ଠିକ୍ ରହିଥାଏ ।

## ବହୁ ଉପକାରୀ କଲମ ଶାଗ

**ଶା**ଗ ଏକ ପୁଷ୍ଟିକର ଖାଦ୍ୟ । ଶାଗ ଖାଇଲେ ଦୃଷ୍ଟିଶକ୍ତି ଭଲ ରହିବ ବୋଲି ଆମେ ପିଲାଦିନୁ ଶୁଣି ଆସିଛୁ । ଏହା ସତ ମଧ । ସଜନା ଶାଗ, କୋଶଳା ଶାଗ, ହଡ଼ା ଶାଗ ଭଳି କଲମ ନାମକ ଏକ ଶାଗ ଅଛି । କଲମ ଶାଗ ଖାଇବା ଶରୀର ପାଇଁ ବହୁତ ଉପଯୋଗୀ ।

ଏହି ଶାଗ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ କର୍କଟ ନିରୋଧ ଭାବେ କାମ କରିଥାଏ ।

ଯୁବତୀ ଓ ମହିଳାମାନେ ନିୟମିତ ଏହି ଶାଗ ଖାଇଲେ ତ୍ୱଚାରେ ଏକ ଚମକ ଆସିଥାଏ ।

ଯକୃତ ଜନିତ ସମସ୍ୟା ଦୂର କରିବାରେ ଏହି ଶାଗ ଅତ୍ୟନ୍ତ ଉପାଦେୟ ହୋଇଥାଏ ।

ମଧୁମେହ ରୋଗୀମାନେ ଏହି ଶାଗକୁ ନିୟମିତ ରୂପେ ଖାଇଲେ ଉପଶମ ଲାଭ କରିଥାନ୍ତି ।

କଲମ ଶାଗ ଖାଇଲେ କେଶର ଘନତ୍ୱ ବଢ଼ି ଥାଏ ।

ନିଦ୍ରାହୀନତା ଦୂର କରିବାରେ ସହାୟକ ହୋଇଥାଏ ଏହି ଶାଗ ।

ଭିଟାମିନ୍ ଏ ଅଧିକ ମାତ୍ରାରେ ଥିବାରୁ ଚକ୍ଷୁ ପାଇଁ ଏହା ଅତ୍ୟନ୍ତ ଉପାଦେୟ ଅଟେ ।



ଏହି ଶାଗକୁ ଦହି ଏବଂ ଭାତ ସହ ମିଶାଇ ଖାଇବା ଦ୍ୱାରା ଜୀର୍ଣ୍ଣ ଶକ୍ତି ବୃଦ୍ଧି ପାଇଥାଏ ।

ଶରୀରରେ ଥିବା ରକ୍ତକଣିକା ପରିମାଣ ମଧ ଏହି ଶାଗ ଖାଇବା ଦ୍ୱାରା ବୃଦ୍ଧି ପାଇଥାଏ ।

କଲମ ଶାଗ ପତ୍ରକୁ ସିଝାଇ ସେହି ପାଣିକୁ ପିଇଲେ କୋଷ୍ଠକାଠିନ୍ୟ ରୋଗ ଦୂର ହୋଇଥାଏ ।

### ଆଜିର ଚିନ୍ତନ

**ଥ**ରେ ଭଗବାନ ମହାବୀର ରାଜା ବିମ୍ବିସାରଙ୍କ କର୍ମଗୁଡ଼ିକର ଅବଲୋକନ କରିବା ପରେ ତାଙ୍କୁ କହିଲେ- 'ରାଜନ୍ ତୁମ ପାଖରେ ଭଲା ଅପାର ସମ୍ପତ୍ତି ଥାଇପାରେ, କିନ୍ତୁ ତୁମର ପୁଣ୍ୟ ଧୀରେ ଧୀରେ ଶେଷ ହେବାରେ ଲାଗିଛି୍ ତାହାର ସମାପ୍ତି ହୋଇଯିବା ପରେ ତୁମକୁ ନରକ ଯିବାକୁ ହିଁ ପଡ଼ିବ ।

ବିମ୍ବିସାର ଏହା ଶୁଣିଲା ପରେ ତାଙ୍କର ନିଦ ହଜିଗଲା ଏବଂ ସେ ସକାଳ ହେବା କ୍ଷଣି ଭଗବାନ ମହାବୀରଙ୍କ ନିକଟରେ ପହଞ୍ଚିଲେ ଓ ତାଙ୍କୁ କହିଲେ– ''ପ୍ରଭୁ ! ମୋତେ ନରକକୁ ନ ଯିବାର ଉପାୟ ବତାନ୍ତୁ'' ମହାବୀର କହିଲେ– 'ରାଜନ ! ଯଦି ତୁମେ ନରକକୁ ଯିବାରୁ ରକ୍ଷା ପାଇବାକୁ ଚାହୁଁଛ, ତ ପ୍ରସୂନ ନାମକ ଶ୍ରାବକଙ୍କ ପାଖକୁ ଯାଅ୍ ତାଙ୍କ ପାଖରେ ସମତ୍ୱ ନାମକ ଏକ ଫଳ ଅଛି । ତାହାର ସେବନ କରି ତୁମେ ନର୍କକୁ ଯିବାରୁ ରକ୍ଷା ପାଇ ପାରିବ ।

ରାଜା ବିମ୍ବିସାର ଶ୍ରାବକ ପ୍ରସୂନଙ୍କ ପାଖରେ ପହଞ୍ଚିଲେ ଏବଂ ତାଙ୍କ ସମ୍ମୁଖରେ ନିଜର ନିବେଦନ ରଖିଲେ । ପ୍ରସୂନ ରାଜାଙ୍କ କଥା ଶୁଣି ମୁରୁକି ହସିଲେ ଏବଂ କହିଲେ– 'ରାଜନ୍ ! ସମତ୍ୱ କୌଣସି ଗଛରେ ଫଳୁଥିବା ଫଳ ନୁହେଁ୍ ସମତ୍ୱ ତ ମନର ସନ୍ତୁଳନ ଓ ଆନ୍ତରିକ ସମତାର ପ୍ରତିଫଳ ଅଟେ । ରାଜା କହିଲେ– ''ତାହାହେଲେ ମୁଁ ସମତ୍ୱ କିପରି ପ୍ରାପ୍ତ କରି ପାରିବି ? ପ୍ରସୂନ ଉତ୍ତର ଦେଲେ– 'ଯେତେବେଳ ପର୍ଯ୍ୟନ୍ତ ଆପଣଙ୍କ ମନ ଧନ, ସମ୍ପତ୍ତି ଓ ପ୍ରତିଷ୍ଠାରେ ଲାଗି ରହିଛି, ସେତେବେଳ ପର୍ଯ୍ୟନ୍ତ ଆପଣଙ୍କୁ ଏହାର ପୂର୍ତ୍ତି ନିମନ୍ତେ ଏବଂ ଏହାର ଅଭିବୃଦ୍ଧି ନିମନ୍ତେ ଆନ୍ତରିକ ସନ୍ତୁଷ୍ଟିକୁ ବାଜି ଲଗାଇବାକୁ ପଡ଼ିବ୍ ଶାସନ ଓ ସମ୍ପତ୍ତିର ଅହଂକାରରେ ଆପଣଙ୍କ ଦ୍ୱାରା କୃତ କୁକର୍ମ ହିଁ ନରକର କାରଣ ହୋଇଥାଏ । ପ୍ରସୂନଙ୍କ କଥା ଶୁଣି ରାଜା ବିମ୍ବିସାରଙ୍କ ଆଖି ଖୋଲିଗଲା ଏବଂ ସେ ନିରାସକ୍ତ ଭାବରେ ଶ୍ରେଷ୍ଠ କର୍ମ କରିବାରେ ନିରତ ହୋଇଗଲେ ତଥା ସ୍ୱର୍ଗଗାମୀ ହେଲେ ।

ବର୍ଷ ୨୮, ସଂଖ୍ୟା - ୪୪, ୦୩ - ୦୯ ନଭେମ୍ବର ୨୦୨୪


# ନୂଆ ଶିକ୍ଷାନୀତି ଓ ଓଡ଼ିଶା

ଓଡ଼ିଶାର ନୂଆ ସରକାର ବିଭିନ୍ନ କ୍ଷେତ୍ରରେ ନୂତନ ନୀତି ଘୋଷଣା କରୁଥିବାବେଳେ ୨୦୨୦ ଜାତୀୟ ଶିକ୍ଷାନୀତିକୁ ରାଜ୍ୟରେ ଲାଗୁ କରିବା ପାଇଁ ଘୋଷଣା କରିଛନ୍ତି । ଏ ଦିଗରେ ମଧ ବିଚାରବିମର୍ଶ ଆରମ୍ଭ ହୋଇଛି । ସମ୍ପ୍ରତି ବିଭିନ୍ନ କମିଟିମାନ ଗଠନ କରିଛନ୍ତି ନୂଆ ଶିକ୍ଷାନୀତିକୁ ଏଠାରେ ଲାଗୁ କରିବା ପାଇଁ । ତେବେ ପ୍ରଶ୍ନ ଉଠୁଛି କେନ୍ଦ୍ରୀୟ ଶିକ୍ଷା ନୀତି ୨୦୨୦ରେ କେତେ ରାଷ୍ଟ୍ରୀୟ ସମ୍ମତି ରହିଛି ? ଏହାର ଆଦର୍ଶବାଦର ମୂଳ ଭିତ୍ତି କ'ଣ ? ସର୍ବୋପରି ଏହାକୁ ଏଠାରେ ଅବିକଳ ଲାଗୁ କରାଗଲେ ଶିକ୍ଷା ବ୍ୟବସ୍ଥାକୁ କିପରି ସହାୟକ ହେବ ? ସେ ସମ୍ପର୍କରେ ବ୍ୟାପକ ଆଲୋଚନା ଏବଂ ସତ୍ୟନିଷ୍ଠ ମାନସ ମନ୍ଥନ ଆବଶ୍ୟକ । ୨୯ ଜୁଲାଇ ୨୦୨୦ରେ ସମଗ୍ର ଦେଶ କରୋନା ମହାମାରୀ ସହ ସଂଗ୍ରାମ କରୁଥିବାବେଳେ କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତିକୁ ସାର୍ବଜନୀନ କରିଥିଲେ । ଏହା ଭିତରେ ଚାରି ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇଥିଲେ ମଧ ଅନେକ ରାଜ୍ୟ ଏହାକୁ ଗ୍ରହଣ କରିନାହାନ୍ତି । କର୍ଣ୍ଣାଟକ, ତାମିଲନାଡୁ ଭଳି ରାଜ୍ୟ ସେମାନଙ୍କର ସ୍ୱତନ୍ତ୍ର ଶିକ୍ଷା ନୀତି ପ୍ରଣୟନ ଦିଗରେ ଅଗ୍ରସର ହୋଇଛନ୍ତି । ବିଗତ ଲୋକସଭା ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ (ବିଜେପି ବ୍ୟତିରେକ) ଏହି ଶିକ୍ଷା ନୀତି ୨୦୨୦ର ପୁନଃ ଅବଲୋକନ କରିବା ପାଇଁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ । ଶିକ୍ଷା ନୀତି ୨୦୨୦କୁ ନେଇ ସାମଗ୍ରିକ ଭାବେ ରାଷ୍ଟ୍ରୀୟ ସମ୍ମତି ନଥିବା ଭଳି ଦୃଶ୍ୟମାନ ହୁଏ । ଏହି ଶିକ୍ଷା ନୀତିକୁ ନେଇ ଭିନ୍ନଭିନ୍ନ ମତ ପ୍ରକାଶ ପାଇଛି । ଏହି ଶିକ୍ଷା ନୀତି ନବ ଭାରତ ନିର୍ମାଣରେ ସହାୟକ ହେବା ସହ ଏକବିଂଶ ଶତାବ୍ଦୀର ଜନ ଆକାଂକ୍ଷାକୁ ପ୍ରତିଫଳିତ କରିବ ବୋଲି ଏକ ମତ ପ୍ରକାଶ ପାଉଥିବା ବେଳେ, ଅନେକ ଏହା ସାମଗ୍ରିକ ଭାବେ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ, ବ୍ୟବସାୟୀକରଣ, କେନ୍ଦ୍ରୀକରଣ ଏବଂ ରଢ଼ିକରଣର ପ୍ରକ୍ରିୟାକୁ ପ୍ରଶସ୍ତ କରିବ ବୋଲି ଦୃଢ଼ ମତ ପୋଷଣ କରୁଛନ୍ତି । କେନ୍ଦ୍ର ସରକାର ଦୀର୍ଘ ପାଞ୍ଚ ବର୍ଷ ଧରି ବ୍ୟାପକ ଆଲୋଚନା, ତର୍କ ଏବଂ ବିତର୍କ କରି ଏହି ଶିକ୍ଷାନୀତି ତିଆରି କରିଥିବାବେଳେ ଦେଶର ବହୁ ଜାତୀୟ ଶିକ୍ଷକ ସଂଗଠନ ଛାତ୍ର ସଂଗଠନ, ଅଭିଭାବକଙ୍କ ସଂଗଠନ, ଶିକ୍ଷା ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନମାନେ ଆଲୋଚନା ପ୍ରକ୍ରିୟାରେ ସେମାନଙ୍କୁ ଉପେକ୍ଷା କରାଯାଇଛି ଏବଂ ଏପରି କି ସେମାନେ ପ୍ରଦାନ କରିବା ବିକଳ୍ପ ପ୍ରସ୍ତାବ ଉପରେ ଆଲୋଚନା କରିବାର ସୁଯୋଗ ମଧ ମିଳୁନାହିଁ ବୋଲି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ସହ ଆଲୋଚନା କରି ସର୍ବସମ୍ମତିରେ ଏକ ବିକଳ୍ପ ଶିକ୍ଷାନୀତି ପ୍ରସ୍ତୁତ କରିବା ନିମନ୍ତେ ଅଦ୍ୟାବଧି ସେମାନେ ସ୍ୱର ଉତ୍ତୋଳନ କରିଚାଲିଛନ୍ତି ।

ଶିକ୍ଷା ହେଉଛି ସାମାଜିକ ବିକାଶ ଏବଂ ଅର୍ଥନୈତିକ ପରିବର୍ତ୍ତନର ପ୍ରମୁଖ ବିଷୟ । ଶିକ୍ଷା ସାମଗ୍ରିକ ବିକାଶର ମୂଳ ଚାବିକାଠି । ୧୯୮୬- ୨୦୨୪ ଦୀର୍ଘ ସମୟ ଭିତରେ ଆମ ଦେଶ ଏବଂ ଅନ୍ତର୍ଜାତୀୟ ଦୃଶ୍ୟପଟରେ ଏକ ବିସ୍ତାରିତ ନବଦିଗନ୍ତ ସୃଷ୍ଟି ହୋଇଛି । ଅନ୍ତର୍ଜାତୀୟ ପୁଞ୍ଜିର ଏକାଧିପତ୍ୟ ବିଶ୍ୱରେ ବିଷମତା ସୃଷ୍ଟି କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ନିରାପତ୍ତା ଦିଗରେ ରାଷ୍ଟ୍ରମାନେ ବ୍ୟୟ ହ୍ରାସ କରିଛନ୍ତି । ଶିକ୍ଷା ବିଶ୍ୱ ବାଣିଜ୍ୟ ସଂସ୍ଥା ଗ୍ୟାସର ଚୁକ୍ତି ଅନୁଯାୟୀ ଏକ ପଣ୍ୟ ଦ୍ରବ୍ୟରେ ପରିଣତ ହୋଇଛି । ସମଗ୍ର ବ୍ୟବସ୍ଥାର ଜଗତୀକରଣ, ଉଦାରୀକରଣ ଏବଂ ଘରୋଇକରଣ ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ଅଥବା ଗଣତାନ୍ତ୍ରିକ ଚେତନାର ସେତୁ ନକରି ଦୋକାନର ସାମଗ୍ରୀ କରିଦେଇଛନ୍ତି । ସରକାରଙ୍କ ଅନେକ ଅର୍ଥନୈତିକ ପ୍ରକ୍ରିୟା ଭାରତୀୟ ସମ୍ବିଧାନର ମୂଳ ଆଦର୍ଶ ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷ ଆଦର୍ଶ ପ୍ରତି ସଂକଟ ସୃଷ୍ଟି କରିଛି । ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାର ସାର୍ବଜନୀନ ପରିସର ବୃଦ୍ଧି ନହେବା ଫଳରେ ପରମ୍ପରାଗତ ଭାବେ ରହିଥିବା ସାମାଜିକ ବୈଷମ୍ୟ ଡିଜିଟାଲ ବିଭାଜନକୁ ତ୍ୱରାନ୍ୱିତ କରୁଛି । ସବୁଠାରୁ ବଡ଼ କଥା ହେଲା ଶିକ୍ଷା ବ୍ୟବସ୍ଥାର ସୁନେଲି ମାନଚିତ୍ରକୁ ସାକାର କରିବା ପାଇଁ ଯେଉଁ ଅର୍ଥ ବ୍ୟବସ୍ଥା ତାହା କେଉଁଠୁ ଆସିବ ? ୧୯୬୮ ମସିହାରେ ଜି.ଡ଼ି.ପିର ଯେଉଁ ୬% ଶିକ୍ଷାରେ ବ୍ୟୟ କଥା କୁହାଯାଇଥିଲା ତାହା ପୁଣି ଥରେ ଦୋହରାଇଛନ୍ତି । ବର୍ତ୍ତମାନର ଶିକ୍ଷା ନୀତି କାର୍ଯ୍ୟକାରୀ ହେଲେ ୧୦% ଜି.ଡ଼ି.ପିର ଶିକ୍ଷାରେ ବ୍ୟୟ ହେବାର ଆବଶ୍ୟକତା ରହିଛି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଆପୋସ ଆଲୋଚନା ମାଧମରେ ଏହି ବର୍ଦ୍ଧିତ ଭାରକୁ ବ୍ୟବସ୍ଥା ନକଲେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥାର ନୀତିର କାର୍ଯ୍ୟକାରିତା ପାଇଁ ଘରୋଇ ପୁଞ୍ଜି ଉପରେ ନିର୍ଭରଶୀଳ ରହିବ । ଏହା ଫଳରେ ରାଷ୍ଟ୍ର ପ୍ରାୟୋଜିତ ଶିକ୍ଷା ବ୍ୟବସ୍ଥା ସୁରକ୍ଷିତ ହୋଇପାରିବ ତ ? ତାହା ସବୁଠାରୁ ବିଡ଼ମ୍ବନାର ବିଷୟ । ତାପସ ମଜୁମ୍‌ଦାର କମିଟି(୨୦୦୫)ର ପରାମର୍ଶକୁ ଗ୍ରହଣ କରିବା ତଥା ଶିକ୍ଷା କ୍ଷେତ୍ରରେ ସମସ୍ତ ଖର୍ଚ୍ଚ ସରକାର ବହନ କରିବା, ବେସରକାରୀ ଅର୍ଥ ବ୍ୟବସ୍ଥାକୁ ଗ୍ରହଣ ନକରିବା, ଗୋଷ୍ଠୀ, ଛାତ୍ରଛାତ୍ରୀ ଅବା ପିତାମାତାଙ୍କ ଠାରୁ ସଂଗ୍ରହ ନକରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ପରାମର୍ଶକୁ ଗ୍ରହଣ କରିବା ପରିବର୍ତ୍ତେ ଶିକ୍ଷାନୀତିରେ ବେସରକାରୀ ଅର୍ଥ ବ୍ୟବସ୍ଥାକୁ ସଂଗ୍ରହ କରିବା ସହିତ ଶିକ୍ଷା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶକୁ ମଧ ଅନୁମତି ମିଳିଛି । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସାମାଜିକ ବିକାଶ କ୍ଷେତ୍ରରେ ସମ୍ବଳର ଅଭାବକୁ ଆଳ ଭାବରେ ଦର୍ଶାଯାଇ ନପାରେ । ଏହା ରାଜନୈତିକ ପ୍ରାଧାନ୍ୟ ଉପରେ ନିର୍ଭର କରେ ।

ଓଡ଼ିଶାର ନୂତନ ସରକାର ସ୍ୱାଭାବିକ ଭାବେ ଆଦର୍ଶଗତ ଦୃଷ୍ଟିକୋଣରୁ ଏହି ଶିକ୍ଷାନୀତି ଏଠାରେ ଲାଗୁ କରିବା ପାଇଁ ଆଗ୍ରହୀ ଅନେକଙ୍କ ମତରେ କେନ୍ଦ୍ରୀୟ ଶିକ୍ଷା ନୀତି ୨୦୨୦ ଏଠାରେ ଯଦି ଅବିକଳ ଲାଗୁ କରାଯାଏ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସାମ୍ପ୍ରତିକ ଅବକ୍ଷୟରୁ ରକ୍ଷା କରିପାରିବ ନାହିଁ, ବରଂ ସ୍ଥିତି ଅଧିକ ଜଟିଳ ଏବଂ ବିକଳାଙ୍ଗ ହେବ । ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି, ଆର୍ଥିକ ଏବଂ ସାମାଜିକ ବୈଷମ୍ୟ, ସହର- ଗ୍ରାମ୍ୟ ଭିନ୍ନତା, ଭୌଗୋଳିକ ବିବିଧତା ସମ୍ପର୍କରେ ଗଭୀର ନିରପେକ୍ଷ ଅନୁଶୀଳନ ଆବଶ୍ୟକ । ଶିକ୍ଷା କହିଲେ କେବଳ ଉଚ୍ଚଶିକ୍ଷା ବା ଅନ୍ୟ ସ୍ତରର ଶିକ୍ଷା ବ୍ୟବସ୍ଥାକୁ ସୂଚାଏ ନାହିଁ । ସାମଗ୍ରିକ ବ୍ୟବସ୍ଥାର ସୂତ୍ରରେ ସବୁ ସ୍ତର ସଂଯୋଜିତ । ବିଗତ ୨୪ବର୍ଷ ଭିତରେ ଓଡ଼ିଶାର ସାମଗ୍ରିକ ଶିକ୍ଷା ବ୍ୟବସ୍ଥା ଜନଗଣଙ୍କର ଆସ୍ଥା ଏବଂ ବିଶ୍ୱାସ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ନୂତନ ସରକାରଙ୍କ ପ୍ରଥମ କାମ ହେଲା ଏହି ବିଶ୍ୱାସ ଫେରାଇ ଆଣିବା ।

ସମସ୍ତ ସଂକୀର୍ଣ୍ଣ ରାଜନୈତିକ ମତାଦର୍ଶରୁ ଊର୍ଦ୍ଧ୍ୱରେ ରହି ଶିକ୍ଷାନୀତିରେ ସମ୍ବିଧାନର ମୂଳତତ୍ତ୍ୱ ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା ଏବଂ ବୈଜ୍ଞାନିକ ଆଭିମୁଖ୍ୟର ପ୍ରତିଫଳନ ହେବା ଉଚିତ୍ । ଶିକ୍ଷା ବ୍ୟବସାୟୀର ପଣ୍ୟଦ୍ରବ୍ୟ ନୁହେଁ ବରଂ ମାନବଜାତିର ଉନ୍ମେଷର ଆଲୋକବର୍ତ୍ତିକା ହେବା ବିଧେୟ ।



# ସହ୍ୟ କରିବାର ସାମର୍ଥ୍ୟ ଓ ଅସହଯୋଗର ନୀତିଶାସ୍ତ୍ର

**ମହାତ୍ମା ଗାନ୍ଧୀ**

**ବେ**ଳେ ବେଳେ ସହଯୋଗ ପରି ଅସହଯୋଗ ମଧ ଏକ କର୍ତ୍ତବ୍ୟରେ ପରିଣତ ହୋଇଯାଏ । ଯାହା ଜଣେ ମନୁଷ୍ୟ ଲାଗି ସର୍ବନାଶର କାରଣ ହେଉଛି ଅଥବା ତାକୁ ଦାସ କରି ରଖୁଛି, ତାହା ସହିତ ସହଯୋଗ ଲାଗି କେହି ଆଦୌ ବାଧ ହେବ ନାହିଁ । ଅନ୍ୟମାନଙ୍କର ପ୍ରଚେଷ୍ଟାରେ ହାସଲ କରାଯାଉଥିବା ସ୍ୱାଧୀନତା, ସେହି ପ୍ରଚେଷ୍ଟାଟି ପ୍ରତ୍ୟାହୃତ ହୋଇଯିବା ପରେ ଉକ୍ତ ସ୍ୱାଧୀନତାକୁ କଦାପି ରଖିହେବ ନାହିଁ । ମାତ୍ର, ଅହିଂସ ଅସହଯୋଗ ଦ୍ୱାରା ସେହି ସ୍ୱାଧୀନତାକୁ ପ୍ରାପ୍ତ କରିବାର କଳାଟିକୁ ଶିକ୍ଷା କରିପାରିଲେ ସବାତଳେ ରହିଥିବା ବ୍ୟକ୍ତି ମଧ ତାହାର ଔଜ୍ୱଲ୍ୟକୁ ଅବଶ୍ୟ ଅନୁଭବ କରି ପାରିବ ।

ମୁଁ ପୂର୍ଣ୍ଣନିଶ୍ଚିତ ଯେ, ହିଂସା ଯାହାକୁ କଦାପି ହାସଲ କରି ପାରିବ ନାହିଁ, ଅହିଂସ ଅସହଯୋଗ ଦ୍ୱାରା ତାହା ଅବଶ୍ୟ ହାସଲ ହୋଇ ପାରିବ । ପରିଶେଷରେ ମନ୍ଦ ଆଚରଣକାରୀଙ୍କର ପରିବର୍ତ୍ତନ ଘଟାଇ ହିଁ ତାହା ହାସଲ ହୋଇ ପାରିବ । ଭାରତବର୍ଷରେ ଅହିଂସାର ପ୍ରୟୋଗ ଲାଗି ଆମେ ଆଗରୁ କେବେହେଲେ ଏକ ଆବଶ୍ୟକ ଏବଂ ଉପଯୁକ୍ତ ସୁଯୋଗ ଦେଇ ନାହୁଁ । ଆଶ୍ଚର୍ଯ୍ୟ କଥା ହେଉଛି ଯେ, ଆମର ଏହି ମିଶ୍ରିତ ଅହିଂସା ଦ୍ୱାରା ମଧ ଆମେ ଏତେ ବେଶୀ ହାସଲ କରି ପାରିଛୁ ।

ମୁଁ ଧର୍ମର ଏହି ଛାଞ୍ଚ ଭିତରେ ଅହିଂସାର ଉପସ୍ଥାପନା କରିଛି, କାରଣ ମୋ ଭିତରେ ରହିଥିବା ଧର୍ମୀୟ ସମ୍ଭାବନାକୁ ତାହା ଯେତିକି ପରିମାଣରେ ବିକଶିତ କରାଇ ପାରୁଛି, କେବଳ ସେହି ପରିମାଣରେ ହିଁ ମୁଁ ରାଜନୀତି ମଧକୁ ପ୍ରବେଶ କରୁଛି ।

ମୋ' ଅସହଯୋଗ ପଛରେ ଏତେ ଟିକିଏ ସୁଯୋଗ ପାଇବା ମାତ୍ରକେ ଖରାପରୁ ଖରାପ ପ୍ରତିପକ୍ଷମାନଙ୍କ ସହିତ ସହଯୋଗ କରିବାର ଆନ୍ତରିକତମ ବାସନାଟି ନିହିତ ହୋଇ ରହିଥାଏ । ସତତ ଈଶ୍ୱରଙ୍କର କରୁଣା ଆବଶ୍ୟକ କରୁଥିବା ମା'ଭଳି ଜଣେ ଅତ୍ୟନ୍ତ ଅପୂର୍ଣ୍ଣତାଯୁକ୍ତ ମନୁଷ୍ୟର ବିଚାର ଅନୁସାରେ କୌଣସି ଜଣେ ମନୁଷ୍ୟ ମଧ ବିମୋଚିତ ହେବାର ସମ୍ଭାବନାର ବାହାରେ ନ ଥାଏ ।

ମୋ' ଠାରୁ କୌଣସି ପ୍ରକାର କପଟତା ଆଦୌ କୌଣସି ସମର୍ଥନ ପାଇବ ନାହିଁ । ମୋ' ବିଚାରରେ ସତ୍ୟାଗ୍ରହର ମାର୍ଗ ହେଉଛି ଭଲପାଇବାର ମାର୍ଗ, ଏହା ଏକ ଚିରନ୍ତନ ସତ୍ୟ । ଯାହା କିଛି ଭଲ, ମୁଁ ତାହା ସହିତ ଅବଶ୍ୟ ସହଯୋଗ କରିଥାଏ । ଯାହାକିଛି ମନ୍ଦ, ତାହା ସହିତ ମୁଁ ଅସହଯୋଗ କରିବାର ବାସନା ରଖିଥାଏ ।

ପ୍ରାର୍ଥନାମୟ ଶୃଙ୍ଖଳାର ଏକ ଦୀର୍ଘ ଜୀବନଚାରଣା ଦ୍ୱାରା ଗତ ଚାଳିଶି ବର୍ଷ ହେଲା ମୁଁ କାହାକୁ ଘୃଣା କରିବାରୁ ନିଜକୁ ନିବୃତ୍ତ କରି ରଖିଛି । ଏହା ଯେ ଏକ ଅତି ବୃହତ୍ ଦାବି, ମୁଁ ସେକଥା ହୃଦୟଙ୍ଗମ କରିପାରୁଛି । ତଥାପି, ସକଳ ବିନୟ ସହିତ ମୁଁ ଏହି ଦାବି କରୁଛି । ମାତ୍ର, ଯେଉଁଠାରେ ହେଉ ପଛକେ, ଯେଉଁଠି ଯେତେ ଯାହା ମନ୍ଦ ରହିଛି, ମୁଁ ତାହାକୁ ଘୃଣା କରି ପାରିବି ଓ କରୁଛି ।

ଘୃଣାରେ ନୁହେଁ ଭଲପାଇବା ଉପରେ ହିଁ ମୋ'ର ଅସହଯୋଗ ପ୍ରତିଷ୍ଠିତ ହୋଇ ରହିଛି । ମୋ'ର ବ୍ୟକ୍ତିଗତ ଜୀବନଧର୍ମ ଅଲଂଘନୀୟ ଭାବରେ ମୋ' ଲାଗି କାହାକୁ ଘୃଣା କରିବାକୁ ନିଷିଦ୍ଧ କରି ରଖିଛି । ଯେତେବେଳେ ମୋତେ ବାରବର୍ଷ ହୋଇଥିଲା, ସେତେବେଳେ ଗୋଟିଏ ସ୍କୁଲବହି ମାଧମରେ ମୁଁ ଏହି ସହଜ ଅଥବ ସୁବୃହତ୍ ସତ୍ୟଟିକୁ ଶିକ୍ଷା କରିଥିଲି ଏବଂ ମୋର ସେହି ସଂପ୍ରତ୍ୟୟଟି ଏବେ ମଧ ଅପରିବର୍ତ୍ତିତ ରହିଛି । ଏହା ମୋ ଭିତରେ ପ୍ରତ୍ୟେହ ବିକଶିତ ହୋଇ ଚାଲିଛି । ମୋ ଜୀବନରେ ଏକ ଜ୍ୱଳନ୍ତ ବାସନା ହୋଇ ରହିଛି ।

କୌଣସି ବସ୍ତୁ ପ୍ରତି ମୋ ଭିତରେ ଯେ ଆନୁଗତ୍ୟହୀନତା ରହିଛି, ସେକଥା ମୋଟେ ନୁହେଁ, ମାତ୍ର ମୁଁ ଯାବତୀୟ ଅସତ୍ୟ, ଅନ୍ୟାୟୋଚିତ ତଥା ମନ୍ଦ ସବୁକିଛି ପ୍ରତି ତାହା ହିଁ ପ୍ରଦର୍ଶନ କରି ଆସିଛି । ଯେ ପର୍ଯ୍ୟନ୍ତ କୌଣସି ଅନୁଷ୍ଠାନ ମୋ'ର ତଥା ଜାତିର ଅଭିବୃଦ୍ଧି ଲାଗି ଅନୁକୂଳ ହୋଇ ରହିଛି, ମୁଁ ସେ ପର୍ଯ୍ୟନ୍ତ ସେହି ଅନୁଷ୍ଠାନ ପ୍ରତି ଅନୁଗତ ରହିଛି । ମାତ୍ର, ସେହି ଅଭିବୃଦ୍ଧି ଲାଗି ଅନୁକୂଳ ହେବା ପରିବର୍ତ୍ତେ ତାହା ବାଧକରୂପେ କାର୍ଯ୍ୟ କରୁଛି ବୋଲି ଦେଖିପାରିବା ମାତ୍ରକେ ମୁଁ ତାହା ପ୍ରତି ନିଜର ଆନୁଗତ୍ୟକୁ ପ୍ରତ୍ୟାହାର କରିନେବାକୁ ହିଁ ମୋ'ର ପରମ କର୍ତ୍ତବ୍ୟ ବୋଲି ଅନୁଭବ କରିଛି ।

ମୋ'ର ଅସହଯୋଗ ମୋ' ଜୀବନଧର୍ମର ଏକ ଅଂଶ ହୋଇଥିଲେ ହେଁ ତାହା ହେଉଛି ସହଯୋଗର ଏକ ପୂର୍ବବର୍ତ୍ତୀ ସୋପାନ । ମୋ'ର ଅସହଯୋଗ ମାର୍ଗଗୁଡିକ ସହିତ, ବ୍ୟବସ୍ଥାଗୁଡିକ ସହିତ, କେବେହେଲେ ମନୁଷ୍ୟମାନଙ୍କ ସହିତ ନୁହେଁ ଜଣେ ଡାୟରଙ୍କ ବିରୋଧରେ ମଧ ମୋ' ମନରେ ଆଦୌ କୌଣସି ଅସଦଭାବନା ନଥାଇପାରେ । ଅସଦଭାବନାକୁ ମୁଁ ମନୁଷ୍ୟ ଲାଗି ତା' ସମ୍ମାନର ନିମ୍ନରେ ବୋଲି ବିଚାର କରେ ।

କେତେକ ବ୍ୟକ୍ତି ମୋତେ ମୋ ସମୟର ସବୁଠାରୁ ବଡ଼ ବିପ୍ଳବୀ ବୋଲି କହିଛନ୍ତି । ଏହା ମିଥ୍ୟା ହୋଇପାରେ, ମାତ୍ର ମୁଁ ନିଜକୁ ଜଣେ ବିପ୍ଳବୀ, ଜଣେ ଅହିଂସ ବିପ୍ଳବୀ ବୋଲି ଅବଶ୍ୟ ବିଶ୍ୱାସ କରେ । ଅସହଯୋଗ ହେଉଛି ମୋ' ବିପ୍ଳବର ମାର୍ଗ । ସଂପୃକ୍ତ ବ୍ୟକ୍ତିମାନଙ୍କର ସ୍ୱେଚ୍ଛାକୃତ ଅଥବା ବାଧ ସହଯୋଗ ବ୍ୟତୀତ କୌଣସି ବ୍ୟକ୍ତି ଧନ ଗଦାକରି ରଖିପାରିବ ନାହିଁ ।

ମୁଁ ହେଉଛି ସ୍ୱଭାବତଃ ଜଣେ ସହଯୋଗୀ, ମୋର ଅସହଯୋଗ ମଧ ସହଯୋଗ ଭିତରୁ ସକଳ ପ୍ରକାରର ନୀଚତା ଏବଂ ମିଥ୍ୟାକୁ ବାହାର କରିନେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ । କାରଣ, ସେଭଳି ସହଯୋଗକୁ ମୁଁ ଆଦୌ ଯଥାର୍ଥ ବୋଲି ବିଚାରରେ ନାହିଁ ।

# ଶରୀର ପାଇଁ ବହୁତ ଭଲ ପାଣିସିଙ୍ଗଡ଼ା

**ସ୍ୱା**ସ୍ଥ୍ୟ ପାଇଁ ହିତକର ଫଳଟିଏ ପାଣିସିଙ୍ଗଡ଼ା । ପୋଷକତତ୍ତ୍ୱରେ ଭରପୂର ଏହି ଫଳଟି ବହୁ ପ୍ରାଚୀନ କାଳରୁ ଔଷଧ ଭାବରେ ବ୍ୟବହାର କରାଯାଇ ଆସୁଛି । ଆୟୁର୍ବେଦରେ ଏହା ମଇଁଷି କ୍ଷୀର ଠାରୁ ବି ଅଧିକ ଗୁଣକାରୀ ବୋଲି ଗ୍ରହଣ କରାଯାଇଛି । ଏନିମିଆ, ବ୍ରୋଙ୍କାଇଟିସ୍, ଲେପ୍ରସି ଆଦି ରୋଗରେ ଏହା ଅଦ୍ଭୁତ ଫଳଦାୟକ ।


ପେଟର ବିଭିନ୍ନ ସମସ୍ୟାରେ ପାଣିସିଙ୍ଗଡ଼ାର ବ୍ୟବହାର କରାଯାଇଥାଏ । ଡାଇରିଆ ଏବଂ ପତଳା ଝାଡ଼ା କ୍ଷେତ୍ରରେ ଏହାକୁ ଖାଇବା ବେଶ୍ ଲାଭଦାୟକ । ସିଙ୍ଗଡ଼ାକୁ କଞ୍ଚା ଖାଇବା କିମ୍ବା ଏହାର ଜୁସ୍ ଭାବେ ପିଇବା ଦ୍ୱାରା ଶରୀରରୁ କ୍ଷତିକାରକ ବିଷାକ୍ତ ତତ୍ତ୍ୱ ବାହାରିଯାଏ । ଏହା ପରିସ୍ରା ସଂକ୍ରମଣ ମଧ ରୋଗ ।

ପ୍ରାକୃତିକ ଭାବେ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ପାଣିସିଙ୍ଗଡ଼ା ତ୍ୱଚା ପାଇଁ ବି ଖୁବ୍ ଭଲ । ଏହାକୁ ଖାଇବା ଦ୍ୱାରା ଅସମୟରେ ଦେଖାଯାଉଥିବା କୁଞ୍ଚନ, ଏକ୍‌ଜିମା ପରି ସମସ୍ୟା ରୋକାଯାଇ ପାରେ । ଏହା ତ୍ୱଚାକୁ କ୍ଷତିକାରକ ଅତିବାଇଗଣୀ ରଶ୍ମିରୁ ବି ରକ୍ଷା କରିଥାଏ ।

ଏଥିରେ ଥିବା ଆୟୋଡିନ ତଥା ମାଙ୍ଗାନିଜ୍ ପରି ମିନେରାଲ୍ ଥାଇରଏଡ୍ ଗ୍ରନ୍ଥିର ସନ୍ତୁଳନ ରକ୍ଷା କରିଥାଏ । ଏହାର ଅଟାକୁ ଲେମ୍ବୁରସ ସହିତ ମିଶାଇ ଏକଜିମା ସ୍ଥାନରେ ଲଗାଇଲେ କିଛିଦିନ ମଧରେ ପ୍ରଭାବ ଲକ୍ଷ୍ୟ କରିପାରିବେ ।



# ସ୍ୱର୍ବେଦ




**ଗୁଣ ମେଁ ଗୁଣ କୀ ଭକ୍ତି ହୈ, ଯହ ମାୟା ପରପଞ୍ଚ ।**
**ପ୍ରକୃତି ପାର ପ୍ରଭୁ ଭଜନ ହୈ, ଚେତନ ଚେତନ ସଞ୍ଚ ॥୩୮॥**

ଭାଷ୍ୟ - ପ୍ରକୃତି ଏବଂ ତ୍ରିଗୁଣର ସମ୍ବନ୍ଧରୁ ଯେଉଁ ଭକ୍ତି ହୁଏ ତାହା ମାୟାର ଖେଳ ଅଟେ ଅର୍ଥାତ୍ ମାୟାର ବିକାଶ ଅଟେ । ପ୍ରକୃତି ଆଉ ତ୍ରିଗୁଣର ଊର୍ଦ୍ଧ୍ୱରେ ପ୍ରଭୁଙ୍କର ଭଜନ ହୋଇଥାଏ । ଚେତନ ନିଜର ସମସ୍ତ ଶକ୍ତିକୁ ଏକତ୍ର କରି ଏକ ଚେତନ ପରଂବ୍ରହ୍ମରେ ଲାଗିଯାଏ, ଏହାକୁ ଭକ୍ତି କହନ୍ତି ।

**ଭକ୍ତି ୱିରହ ପ୍ରଭୁ ମିଲନ କା, ଖୋଜୋ ସଦ୍‌ଗୁରୁ ଦେୱ ।**
**ବୋଧ ମିଲେ ସୁଖ ଶାନ୍ତି ହୈ, କର ସଦ୍‌ଗୁରୁ କୀ ସେୱ ॥୩୯॥**

ଭାଷ୍ୟ - ଯଦି ପ୍ରଭୁଙ୍କ ପ୍ରତି ଉତ୍କଟ ପ୍ରେମ ରହିଛି ଏବଂ ପ୍ରଭୁ ପ୍ରାପ୍ତିର ଇଚ୍ଛା ତୀବ୍ର ରହିଛି ତେବେ ସଦ୍‌ଗୁରୁଙ୍କର ସନ୍ଧାନ କରନ୍ତୁ ଯାହାଙ୍କ ଦ୍ୱାରା ଭକ୍ତିର ମାର୍ଗ ପ୍ରାପ୍ତ ହେବ ଏବଂ ସୁଖ ଶାନ୍ତିର ମଧ୍ୟ ପ୍ରାପ୍ତି ହୋଇପାରିବ । ସଦ୍‌ଗୁରୁ ଶରଣରୁ ହିଁ ପୂର୍ଣ୍ଣ ବୋଧ, ଭକ୍ତି, ପ୍ରଭୁପ୍ରାପ୍ତି ତଥା ସୁଖ ଶାନ୍ତିର ଉପଲବ୍ଧି ହୋଇଥାଏ ।

**ମୋହ ଶୋକ ଅଜ୍ଞାନ ମେଁ, ଭକ୍ତି ରହସ୍ୟ ନ ପାୱ ।**
**ଦେୱ ସଦାଫଲ ଗୁରୁ କୃପା, ଭକ୍ତି ରତନ ତତ୍ତ୍ୱ ଆୱ ॥୪୦॥**

ଭାଷ୍ୟ - ମୋହ, ଶୋକ ଓ ଅଜ୍ଞାନରେ ଭକ୍ତିର ମର୍ମଭେଦ ପ୍ରାପ୍ତ ହୁଏନାହିଁ । ସଦ୍‌ଗୁରୁଙ୍କର କୃପାରୁ ଭକ୍ତିରୂପୀ ମହାନ୍ ରତ୍ନ ପ୍ରାପ୍ତ ହୋଇଥାଏ ।

**॥ ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ, ତୃତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

**ଚତୁର୍ଥ ଅଧ୍ୟାୟ (ଜ୍ଞାନ)**

**ଜ୍ଞେୟ ଜ୍ଞାନ ଜ୍ଞାତା ସକଲ, ତୀନ ତତ୍ତ୍ୱ ଯହ ଜାନ ।**

ଲକ୍ଷଣ ଲକ୍ଷ୍ୟ ସଲକ୍ଷିତ, ଲିଙ୍ଗ ଜାତି ତତ୍ତ୍ୱଜ୍ଞାନ ॥୦୧॥

ଭାଷ୍ୟ - ଜାଣିବାର ଯୋଗ୍ୟ ବସ୍ତୁକୁ ଜ୍ଞେୟ କହନ୍ତି । ଜ୍ଞେୟ ବସ୍ତୁକୁ ନ ଜାଣି ତାହାର ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିବା ବ୍ୟର୍ଥ ଅଟେ । ସେଥିପାଇଁ ଜ୍ଞେୟ ବସ୍ତୁର ଜ୍ଞାନ ହେବା ଆବଶ୍ୟକ ଅଟେ । ଜ୍ଞେୟକୁ ଜାଣିବାର ନାମ ଜ୍ଞାନ ଅଟେ ଆଉ ଜ୍ଞେୟକୁ ଜାଣିବା ପାଇଁ ସାଧନର ଜ୍ଞାନ ହେବା ମଧ୍ୟ ଆବଶ୍ୟକ । ଏ ଦୁଇକୁ ଜାଣିଥିବା ବ୍ୟକ୍ତି ଏସବୁରୁ ଭିନ୍ନ ଅଟେ, ଯାହାକୁ ଜ୍ଞାତା କହନ୍ତି । ପରଂବ୍ରହ୍ମ, ତାଙ୍କର ପ୍ରାପ୍ତିର ସାଧନ ବ୍ରହ୍ମବିଦ୍ୟା ବିହଙ୍ଗମ ଯୋଗ ଆଉ ପରଂବ୍ରହ୍ମଙ୍କର ଜ୍ଞାତା ଅର୍ଥାତ୍ ଜୀବାତ୍ମାକୁ ଏ ତିନିର ବୋଧ ହେବା ଉଚିତ । ବ୍ରହ୍ମବିଦ୍ୟା ବିହଙ୍ଗମ ଯୋଗ ଦ୍ୱାରା ହିଁ ଜ୍ଞେୟର ଜ୍ଞାନ ହୋଇଥାଏ । ତତ୍ତ୍ୱଗୁଡ଼ିକର ଲକ୍ଷଣ ଆଉ ଆକୃତି ଦ୍ୱାରା ବିବେକ ହୋଇଥାଏ । ଲକ୍ଷ୍ୟ, ଲକ୍ଷଣ ଦ୍ୱାରା ଲକ୍ଷିତ ହୋଇଥାଏ । ଲକ୍ଷଣ ତଥା ଚିହ୍ନରୁ ବସ୍ତୁର ବୋଧ ହୋଇଥାଏ । ଜଡ଼ ଚେତନ ସମସ୍ତ ତତ୍ତ୍ୱର ଲକ୍ଷଣ ଥାଏ ଯାହାଦ୍ୱାରା ସେ ପଦାର୍ଥଗୁଡ଼ିକୁ ଜାଣି ହୁଏ ।

**ଜାତି ଗ୍ରହଣ ଆକୃତି ସେ, ଗୁଣ ସ୍ୱଭାୱମୟ କର୍ମ ।**
**ଲକ୍ଷଣ ଲକ୍ଷିତ ରୂପ ହୈ, କାରଣ କାରଜ ଧର୍ମ ॥୦୨॥**

ଭାଷ୍ୟ - ଆକୃତି ଦ୍ୱାରା ଜାତିର ଗ୍ରହଣ ହୋଇଥାଏ ଆଉ ତାହାର କର୍ମ, ଗୁଣ ଏବଂ ସ୍ୱଭାବ ହୋଇଥାଏ । ଲକ୍ଷଣଗୁଡ଼ିକ ଦ୍ୱାରା ହିଁ ସତ୍ତାର ସ୍ୱରୂପ ନିରୂପଣ ହୋଇଥାଏ । କାର୍ଯ୍ୟ ଦ୍ୱାରା କାରଣ, ତତ୍ତ୍ୱର ଜ୍ଞାନ ହୋଇଥାଏ । ଯେଉଁ ଧର୍ମ କାର୍ଯ୍ୟର ଅଟେ, ତାହା କାରଣର ହୋଇଥାଏ । ଦ୍ରବ୍ୟାଶ୍ରିତ ହିଁ ଗୁଣ ହୋଇଥାଏ । କାର୍ଯ୍ୟ ଦ୍ୱାରା କାରଣର ଜ୍ଞାନ ହୋଇଥାଏ । ଯେଉଁ ଗୁଣ କାରଣର ହୋଇଥାଏ, ସେହି ଗୁଣ କାର୍ଯ୍ୟରେ ପ୍ରକଟ ହୋଇଥାଏ । ଏସବୁ ଲକ୍ଷଣଗୁଡ଼ିକରୁ ଜ୍ଞେୟ ସମସ୍ତ ତତ୍ତ୍ୱଗୁଡ଼ିକୁ ବୋଧ କରିଥାଏ ।

**ଜୋ ୱସ୍ତୁ ଜୈସା ରହେ, ତୈସା ୱାକୋ ଜାନ ।**
**ରୂପ ବୋଧ ନିର୍ଭ୍ରାନ୍ତ ହୈ, ସଂଶୟହିନ ସଜ୍ଞାନ ॥୦୩॥**

ଭାଷ୍ୟ - ଯେଉଁ ବସ୍ତୁ ଯେଉଁ ରୂପରେ ଅଛି, ତାହାକୁ ସେହି ରୂପରେ ନିସଂଶୟ ଏବଂ ନିର୍ଭ୍ରାନ୍ତ ହୋଇ ଜାଣିବା ଉଚିତ ।

**ନିତ୍ୟ ଅନିତ୍ୟ ସମ୍ବନ୍ଧ କା, ଜଡ଼ ଚେତନ ଅରୁ ଭେଦ ।**
**ପରିଣାମୀ କୂଟସ୍ଥ କା, କାରଣ କାରଜ ୱେଦ ॥୦୪॥**

ଭାଷ୍ୟ - ଜଡ଼ ଆଉ ଚେତନ - ଏଭଳି ଦୁଇ ପ୍ରକାରର ପଦାର୍ଥ ହୋଇଥାନ୍ତି । ଚେତନ ଆତ୍ମାର ଜଡ଼ ପ୍ରକୃତି ସହିତ ଅନିତ୍ୟ ସମ୍ବନ୍ଧ ରହିଛି । ଜୀବ ଆଉ ବ୍ରହ୍ମର ନିତ୍ୟ ସମ୍ବନ୍ଧ ରହିଛି । ଜଡ଼ ପଦାର୍ଥ ପରିଣାମୀ କାର୍ଯ୍ୟଶୀଳ ହୋଇଥାଏ ଏବଂ ସେଥିରେ ପରିଣାମ ତଥା ବିକାର ହୋଇଥାଏ । ତେଣୁ ପ୍ରକୃତି ପରିଣାମୀ ନିତ୍ୟ ଅଟେ । କାରଣରୁ କାର୍ଯ୍ୟ ହେଉଥିବା ସମସ୍ତ ତତ୍ତ୍ୱ ପରିଣାମୀ ଏବଂ ଅନିତ୍ୟ ଅଟେ । ଚେତନ ପଦାର୍ଥର ରୂପାନ୍ତର ହୁଏନାହିଁ, ସେଗୁଡ଼ିକ ଏକରୂପରେ ରହିଥାନ୍ତି । ସେଥିପାଇଁ ଜୀବ ଆଉ ବ୍ରହ୍ମ ଏ ଦୁଇ କୂଟସ୍ଥ ନିତ୍ୟ ଅଟନ୍ତି । ତ୍ରିଗୁଣାତ୍ମିକା ପ୍ରକୃତି ଅନେକ ସ୍ୱରୂପକୁ ଧାରଣ କରିଥାଏ । କାର୍ଯ୍ୟ ତତ୍ତ୍ୱ ବିନାଶଶୀଳ ହୋଇଥାଏ ସେଥିପାଇଁ ପରିଣାମ, ବିକାର ଯୁକ୍ତ ପ୍ରକୃତି ପରିଣାମୀ, ନିତ୍ୟ ଅଟେ । ପ୍ରକୃତି ଜଡ଼ ଅଟେ ଆଉ ଜୀବ ଏବଂ ବ୍ରହ୍ମ ଦୁହେଁ ଚେତନ ତଥା କୂଟସ୍ଥ ଅଟନ୍ତି । ପ୍ରକୃତି ଆତ୍ମାର ସମ୍ବନ୍ଧ ଭୋଗ୍ୟ ସମ୍ବନ୍ଧ ଉପାସ୍ୟ ଉପାସକ, ଧ୍ୟେୟ ଧ୍ୟାତା ଏବଂ ଆଧାର ଆଧେୟର ଅଟେ ।

**ଗୁଣ କର୍ମ ଅରୁ ଦ୍ରବ୍ୟ କା, ରୂପନ ସହଜ ଅନେକ ।**
**ସମନ ଭାୱ ପର ଅପର କା, ୱିୱିଧ ୱିଭେଦ ୱିୱେକ ॥୦୫॥**

ଭାଷ୍ୟ - ସମସ୍ତ ଦ୍ରବ୍ୟର ଗୁଣ ଆଉ କର୍ମ ଥିବାବେଳେ ସେମାନଙ୍କର ଅନେକ ସ୍ୱରୂପ ମଧ୍ୟ ଥାଏ । ଦ୍ରବ୍ୟ ଏକ ହେଲେ ସୁଦ୍ଧା କାର୍ଯ୍ୟ ଭେଦରେ ତାହାର ଅନେକ ସ୍ୱରୂପ ହୋଇଥାଏ । ମୂଳ କାରଣ ଅନାଦି ହୋଇଥାଏ ଆଉ ତାହାର କାର୍ଯ୍ୟ ଅନେକ ରୂପରେ ପ୍ରକଟ ହୋଇଥାଏ । ତ୍ରିଗୁଣରୁ ପ୍ରକୃତିର ଅନେକ ସ୍ୱରୂପ ପ୍ରକଟ ହୋଇଥାଏ । ସୁତରାଂ ଜଗତର ସମବାୟୀକରଣ ପ୍ରକୃତି ପରିଣାମୀ ନିତ୍ୟ ଅଟେ ।

**ଯହୀ ଜ୍ଞାନ କା ରୂପ ହୈ, ଜାନବ ହୈ ତତ୍ତ୍ୱଜ୍ଞାନ ।**
**ଜୈଁୟା କା ତୈଁୟା ନିଶ୍ଚୟ ରହେ, ଅନ୍ୟ ଖ୍ୟାତି ଅଜ୍ଞାନ ॥୦୬॥**

ଭାଷ୍ୟ - ଅପରିବର୍ତ୍ତନୀୟ ଏବଂ ଅବିଚଳ ସ୍ୱରୂପରେ ପଦାର୍ଥକୁ ଜାଣିବା ତତ୍ତ୍ୱଜ୍ଞାନ ଅଟେ । ଏହାର ବିପରୀତ ଜ୍ଞାନକୁ ଅଜ୍ଞାନ କହନ୍ତି ।

**ଜ୍ଞାନ ଜିୱନ ପରକାଶ ହୈ, କର୍ମ ଭକ୍ତି କା ରୂପ ।**
**ଜ୍ଞାନହୀନ ନର ଅନ୍ଧ ହୈ, ପରେ ମହା ଭୱକୂପ ॥୦୭॥**

ଭାଷ୍ୟ - ଜୀବନର ପ୍ରକାଶ ଜ୍ଞାନ ଅଟେ । ଏହା ଦ୍ୱାରା ହିଁ ସମସ୍ତ କର୍ମ ଓ ଭକ୍ତିର ସ୍ୱରୂପ ଜଣାପଡ଼େ । ଜ୍ଞାନହୀନର ଅନ୍ଧ ଜୀବନ ଅପାର ସଂସାରର ଧାରରେ ପଡ଼ି ନଷ୍ଟ ହୋଇଯାଏ । ଜ୍ଞାନରେ ଜୀବନ ପ୍ରକାଶିତ ହୋଇ, ଯଥାର୍ଥ ତତ୍ତ୍ୱକୁ ଜାଣି ମୋହ ଏବଂ ଶୋକଶୂନ୍ୟ ହୋଇଯାଏ ।

**ଜ୍ଞାନ ସେ ମୁକ୍ତୀ ହୋତୁ ହୈ, ବନ୍ଧ ୱିପର୍ଯ୍ୟୟ ହୋୟ ।**
**ଦୁର୍ଲଭ ପର ଯହ ଜ୍ଞାନ ହୈ, ସଦ୍‌ଗୁରୁ ସେ ମିଲ ସୋୟ ॥୦୮॥**

ଭାଷ୍ୟ - ଜ୍ଞାନରୁ ମୁକ୍ତି ମିଳେ ଏବଂ ଅଜ୍ଞାନରୁ ବନ୍ଧନ ହୋଇଥାଏ । ଏହି ଦୁର୍ଲଭ ଉତ୍କୃଷ୍ଟ ଜ୍ଞାନ ସଦ୍‌ଗୁରୁଙ୍କ କୃପାରୁ ପ୍ରାପ୍ତ ହୋଇଥାଏ ।

**ପରୋକ୍ଷ ଔର ଅପରୋକ୍ଷ କା, ଜ୍ଞାନ ଭେଦ ହୈ ଦୋୟ ।**
**ସାଧନ ଦୋୟ ପ୍ରକାର କା, ଆଶ୍ରୟ ସଦ୍‌ଗୁରୁ ହୋୟ ॥୦୯॥**

ଭାଷ୍ୟ - ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଜ୍ଞାନର ଦୁଇ ପ୍ରକାର ଭେଦ ଥାଏ ଏବଂ ଉଭୟର ସାଧନ ସଦ୍‌ଗୁରୁ ଦ୍ୱାରା ପ୍ରାପ୍ତ ହୋଇଥାଏ ।

**ସେୱାଜିତ ୱର ଶିଷ୍ୟ ମେଁ, ସଦ୍‌ଗୁରୁ କା ଉପଦେଶ ।**
**ୱେ ପରୋକ୍ଷ ତତ୍ତ୍ୱଜ୍ଞାନ ହୈ, ଗ୍ରହଣ ପରମ ଆଦେଶ ॥୧୦॥**

ଭାଷ୍ୟ - ସେବାଜୀତ ପରୀକ୍ଷାରେ ଉତ୍ତୀର୍ଣ୍ଣ ମହାନ୍ ଶିଷ୍ୟ ସଦ୍‌ଗୁରୁଙ୍କର ଉପଦେଶ ଦ୍ୱାରା ବାହ୍ୟ ତତ୍ତ୍ୱଗୁଡ଼ିକର ବିବେକ କରିଥାଏ ଏବଂ ତାଙ୍କର ମହାନ ବାକ୍ୟଗୁଡ଼ିକୁ ଗ୍ରହଣ କରି ସମସ୍ତ ତତ୍ତ୍ୱର ପରୋକ୍ଷ ଜ୍ଞାନ ଆହରଣ କରିଥାଏ । ବାହ୍ୟ ତତ୍ତ୍ୱଜ୍ଞାନକୁ ପରୋକ୍ଷ ଜ୍ଞାନ କହନ୍ତି ।

# ଅଶ୍ୱତ୍‌ଥ ବୃକ୍ଷ ସାକ୍ଷାତ୍ ନାରାୟଣ



**ସେ** ମହାସ୍ଥାବର ପିପ୍ପଳ । ପ୍ରତ୍ୟକ୍ଷେ ନାରାୟଣ ତୁଲ୍ୟ୍ ।

'ଶ୍ରୀମଦ୍‌ଭଗବଦ୍‌ଗୀତା'ର ଦଶମ ଅଧ୍ୟାୟ, 'ବିଭୂତିଯୋଗ'ରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଅଶ୍ୱତ୍‌ଥ୍ୟ ସର୍ବବୃକ୍ଷାମାଂ । ଅର୍ଥାତ୍ "ବୃକ୍ଷମାନଙ୍କ ମଧରେ ମୁଁ ଅଶ୍ୱତ୍‌ଥ ଏହା ସୂଚାଏ, ଅଶ୍ୱତ୍‌ଥ ବା 'ପିପ୍ପଳ' ହେଉଛି ନାରାୟଣ ବୃକ୍ଷ । ମହାଦେବ ଦାସକୃତ 'କାର୍ତ୍ତିକ ମାହାତ୍ମ୍ୟ'ରେ ମଧ ଠିକ୍ ଏହା କୁହାଯାଇଛି ।

୩୨ ଅଧ୍ୟାୟ ବିଶିଷ୍ଟ 'କାର୍ତ୍ତିକ ମାହାତ୍ମ୍ୟ'ର ୨୯ତମ ଅଧ୍ୟାୟ ହେଉଛି- 'ବଟ-ପିପ୍ପଳ ମହିମା' । ଏହା 'ପଦ୍ମପୁରାଣ ଆଧାରିତ । ଏହି ଅଧ୍ୟାୟର ଆରମ୍ଭରେ ଏକ ସଂସ୍କୃତ ଶ୍ଳୋକ ରହିଛି । ତାହା ହେଉଛି- "ଅଶ୍ୱତ୍‌ଥରୂପୀ ଭଗବାନ୍ ବିଷ୍ଣୁରେବ ନ ସଂଶୟଃ ରୁଦ୍ରରୂପୀ ବଟସ୍ତଦ୍‌ବତ୍ ପଲାଶେ ବ୍ରହ୍ମରୂପଧୃକ୍ ।" ଏହାର ଅର୍ଥ- ଅଶ୍ୱତ୍‌ଥ ବିଷ୍ଣୁ ବୃକ୍ଷ, ବଟ ରୁଦ୍ରବୃକ୍ଷ ଏବଂ ପଲାଶ ବ୍ରହ୍ମାବୃକ୍ଷ ଏହା ଅନୁସାରେ, ୨୯ତମ ଅଧ୍ୟାୟରେ ବଟ ଓ ପିପ୍ପଳ (ବର ଓ ଅଶ୍ୱତଥ) ବୃକ୍ଷର ମହିମା ବର୍ଣ୍ଣିତ ହୋଇଛି ।

ଏ ପ୍ରସଙ୍ଗରେ କୁହାଯାଇଛି- ଏହି ପିପ୍‌ପଳ (ଅଶ୍ୱତ୍‌ଥ) ବୃକ୍ଷ ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । ଶୁଦ୍ଧ ମନରେ ଅଶ୍ୱତ୍‌ଥ ବୃକ୍ଷର ସେବା କଲେ ପୁଣ୍ୟଫଳ ମିଳେ । ଦେବଗଣଙ୍କ ସହିତ ହରି ସେହି ବୃକ୍ଷରେ ବିଜେ କରିଥାନ୍ତି ।

ସିଦ୍ଧଗଣଙ୍କ ସହିତ ଶିବ ମଧ ତାହାର ଶିଖରରେ ବିରାଜମାନ କରନ୍ତି । ସେହି ବୃକ୍ଷ ଥିବା ସ୍ଥାନରେ ସମସ୍ତ ସୁକୃତିର ଫଳ ରହେ । ବୃକ୍ଷର ଶିଖରରେ ବାସୁକୀ ଆଦି ନାଗମାନେ ମଧ ଅବସ୍ଥାନ କରନ୍ତି । ଏହି ମହାବୃକ୍ଷ ପିପ୍ପଳ ସାକ୍ଷାତ୍ ନାରାୟଣତୁଲ୍ୟ୍ ଏହି ଦୃଷ୍ଟିରୁ କାର୍ତ୍ତିକ ମାହାତ୍ମ୍ୟ'ରେ କୁହାଯାଇଛି- ଅଶ୍ୱତ୍‌ଥ ବୃକ୍ଷ ନାଶ କଲେ ବ୍ରହ୍ମହତ୍ୟା ଦୋଷ ହୁଏ । ବୃକ୍ଷରୁ ଯେତେ ପତ୍ର ଝଡ଼ି ଭୂମିରେ ପଡ଼େ, ବୃକ୍ଷଘାତୀ ବ୍ୟକ୍ତି ସେତେବର୍ଷ କୁମ୍ଭୀପାକ ନର୍କ ଭୋଗ କରେ । ଏପରିକି, ଏହା ମଧ କୁହାଯାଇଛି- ଏହି ବୃକ୍ଷର ପତ୍ର ଯିଏ ଛିଣ୍ଡାଏ, ସିଏ ବ୍ରହ୍ମାଙ୍କ ଆଙ୍ଗୁଠି କାଟିବା ପରି ମହାପାପ କରେ ।

## ଟିକିଏ ହସନ୍ତୁ

ଶାଶୁ : ତୋତେ ରୋଷେଇ କରି ଆସେନି ?
ବୋହୂ : ନା, ଆଦୌ ଆସେନି ।
ଶାଶୁ : ତେବେ ଏକଥା ବାହାଘର ପୂର୍ବରୁ ଜଣାଇଲୁ ନାହିଁ କାହିଁକି ?
ବୋହୂ : କାରଣ ତାହା ଆପଣଙ୍କ ପାଇଁ ସରପ୍ରାଇଜ୍ ଥିଲା ।

× × ×

ପ୍ରଥମ ସାଙ୍ଗ : ଜାଣିଲୁ ସାଙ୍ଗ ଡାକ୍ତର କୁହନ୍ତି ଯିଏ ରାତିରେ ଜଲଦି ଶୋଇ ସକାଳ ଜଲଦି ଉଠନ୍ତି ତାଙ୍କ ଆୟୁଷ ବଢ଼େ ।
ଦ୍ୱିତୀୟ ସାଙ୍ଗ : ଏସବୁ ମିଛ କଥା ।
ପ୍ରଥମ ସାଙ୍ଗ : କାହିଁକି ।
ଦ୍ୱିତୀୟ ସାଙ୍ଗ : କାରଣ ସକାଳୁ ଜଲଦି କୁକୁଡା ଉଠେ, କିନ୍ତୁ ସନ୍ଧ୍ୟା ହେଲେ ତା' ଜୀବନ ନ ଥାଏ । ଏସବୁ ଭ୍ରାନ୍ତ ଧାରଣା, ଆରାମରେ ଉଠ କିଛି ଅସୁବିଧା ନାହିଁ ।

× × × ×

ରାସ୍ତାରେ ଯିବା ସମୟରେ ରାମବାବୁ ସୋମେଶକୁ ପଚାରିଲେ : ଭାଇ କେମିତି ଅଛ ?
ସୋମେଶ : ଫାଇନ୍ ।
ରାମବାବୁ : କି ଆଶ୍ଚର୍ଯ୍ୟ କଥା, ଦେହ କିପରି ଅଛି ପଚାରିଲେ ବି ତା ପାଇଁ ଜରିମନା । କି ଯୁଗ ହେଲାରେ ଭାଇ ।



× × × ×

ଶିକ୍ଷକ ପପୁକୁ : ହୋମୱାର୍କ କାହିଁକି କରିନୁ ?
ପପୁ : ସାର୍ ମୁଁ ହଷ୍ଟେଲରେ ରହୁଛି ।
ଶିକ୍ଷକ : ହଷ୍ଟେଲରେ ହୋମ୍ ୱାର୍କ କେମିତି କରିବି ?
ଆପଣ ମତେ ହଷ୍ଟେଲ ୱାର୍କ ଦେଇଥାନ୍ତେ ନା ।

× × × ×

ଗ୍ରାହକ : ତମ ଗାଈର ଗୋଟେ ଆଖି ଖରାପ । ତଥାପି ତା'ର ଦାମ ୨୫୦୦୦ ଟଙ୍କା କହୁଛ ।
ଚାଷୀ : ଆରେ ଭାଇ ତମେ ଗାଈକୁ କ୍ଷୀର ପାଇଁ ନେବ ନା ତା' ଆଖିରେ ଆଖି ମିଶାଇ ପ୍ରେମ କରିବ ।

× × × × ×

ରାଜେଶ : ପିଲାଦିନେ ଯଦି ମୁଁ ମୋ ମା' କଥା ଶୁଣିଥାଆନ୍ତେ ତା' ହେଲେ ଆଜି ଏ ଦିନ ଦେଖିବାକୁ ପଡ଼ି ନ ଥାଆନ୍ତା ।
ଗୋବିନ୍ଦ : ତୋ' ମା' କଣ କହୁଥିଲେ କି ?
ରାଜେଶ : କଥା ତ ଶୁଣିନି କେମିତି କହିବି ଯେ, ସେ କ'ଣ କହୁଥିଲେ ।

# ଔଷଧୀୟ ପିତା ଶାଗ

**ପି**ତା ଶାଗର ସ୍ୱାଦ ପିତା ହୋଇଥିଲେ ହେଁ ଏହା ଶରୀର ପାଇଁ ଖୁବ୍ ହିତକର । କେବଳ ଭାରତରେ ପିତା ଶାଗର ଗୁରୁତ୍ୱ ରହିଛି ତା' ନୁହେଁ ପଶ୍ଚିମ ଆଫ୍ରିକା, ଥାଇଲାଣ୍ଡ ଏବଂ ଅଷ୍ଟ୍ରେଲିଆରେ ବି ଏହାର ଚାହିଦା ଢ଼େର ବେଶୀ । ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଜ୍ୱର, ଚର୍ମ ସମସ୍ୟା ତଥା ଡାଇରିଆ ରୋଗର ଚିକିତ୍ସା ଲାଗି ଏହାକୁ ବ୍ୟବହାର କରାଯାଏ । ଏହା ବାଦ୍ ପିତା ଶାଗର ଆହୁରି ଅନେକ ଔଷଧୀୟ ଗୁଣ ରହିଛି ।

ତାଇୱାନରେ ପିତା ଶାଗ ବେଶୀ ଦେଖାଯାଏ । ଏହାର ସ୍ୱାଦ ପିତା ହୋଇଥିଲେ ମଧ ଅଳ୍ପ ମଧୁର । ତେବେ ଏହା ପ୍ରାକୃତିକ ଭାବେ ଅଣ୍ଡା । ଏଇ ଗଛ କ୍ରାନ୍ତୀୟ ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆରେ ବିତରଣ କରାଯାଇଥାଏ । ତାଇୱାନର ଦକ୍ଷିଣ ପ୍ରାନ୍ତରେ କମ୍ ଉଚ୍ଚତାରେ ବଢ଼ିଥାଏ ।

ଥାଇଲାଣ୍ଡରେ ଏହାର ପତ୍ରକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ।

ପଶ୍ଚିମ ଆଫ୍ରିକାର ବାୟବୀୟ ପ୍ରାନ୍ତରେ ବା ଏରିଏଲ ଭାଗରେ ଏହାକୁ ତଳିପେଟର ଯନ୍ତ୍ରଣାର ଉପଶମ କରିବାରେ ତଥା ଜଣ୍ଡିସ୍ ଚିକିତ୍ସାରେ ଉପଯୋଗ କରାଯାଏ ।

ପିତାଶାଗକୁ ଆଣ୍ଠୁଗଣ୍ଠି ସମସ୍ୟା, ପ୍ରଜ୍ୱଳନ, ଡାଇରିଆ, ଇନଟେଷ୍ଟିନାଲ ପାରାସାଇଟସ, ଜ୍ୱର, ଚର୍ମ ସମସ୍ୟା, ଫଙ୍ଗସ ଆଦି ରୋଗର ଚିକିତ୍ସା କ୍ଷେତ୍ରରେ ବ୍ୟବହାର କରାଯିବା ସାଙ୍ଗକୁ ଘା' ଭଳି କରିବାରେ ବି ଏହାକୁ ପ୍ରୟୋଗ କରାଯାଏ ।

ଭାରତରେ ପିତା ଶାଗ ଆଣ୍ଟିସେପଟିକ ଏବଂ ଆଣ୍ଟିଡ୍ରମାଟିକ୍ ଗୁଣ ଯୋଗୁଁ ପରିଚିତ । କାନ



ଯନ୍ତ୍ରଣା, କୁଣ୍ଡିଆ ତଥା ଚର୍ମ ରୋଗ ଲାଗି ପିତା ଶାଗକୁ ପାରମ୍ପରିକ ଭାବେ ପ୍ରୟୋଗ କରାଯାଏ । ପେଟ, ଗର୍ଭାଶୟ ଉତ୍ତେଜନା, ଲୋଚିଆ ତଥା ଝାଡା କରାଇବା ଦ୍ରବ୍ୟ ଭାବେ ଏହା କାର୍ଯ୍ୟ କରିଥାଏ ।

## ବ୍ଲୁ ଟିର ଉପକାରିତା

ଆପଣ ବ୍ଲାକ ଟି ଓ ଗ୍ରୀନ୍ ଟି ପିଇ ବୋର ହୋଇଗଲେଣି କି ? ବ୍ଲୁ ଟି ବା ନୀଳ ଚା' ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ । ଏହି ଚା' କ୍ୟାଫେନବିହୀନ ହୋଇଥିବାରୁ ଶରୀର ପାଇଁ ବହୁତ ଲାଭଦାୟକ । ଦକ୍ଷିଣ ପୂର୍ବ ଏସିଆର ଏକ ଗଛ କ୍ଲିଟୋରିଆ ଟର୍ଣ୍ଣେଟି ବା ଅପରାଜିତା ଫୁଲରୁ ଏହି ଚା' ପ୍ରସ୍ତୁତ ହୋଇଥାଏ । ଏହାର ଅନ୍ୟ ନାମ 'ବଟରଫ୍ଲାଏ ପି ଫ୍ଲାୱାର୍ସ' । ଭିଏତନାମ, ବାଲି, ମାଲେସିଆ ଏବଂ ଥାଇଲାଣ୍ଡରେ ଏହା ବହୁତ ପୂର୍ବରୁ ପ୍ରଚଳିତ । ଏହି ଫୁଲକୁ ଖାଦ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯିବା ସହ ଜ୍ୱଳନ ପ୍ରଶମନ ତଥା ଚକ୍ଷୁ ରୋଗ ଦୂର କରିବା ପାଇଁ ବ୍ୟବହାର କରାଯାଇଥାଏ । ଅପରାଜିତା ଫୁଲ ଜୀବନୀଶକ୍ତି ବୃଦ୍ଧି କରିଥାଏ ବୋଲି ଚାଇନିଜମାନେ ବିଶ୍ୱାସ କରନ୍ତି । ଆୟୁର୍ବେଦରେ ଏହାକୁ ସ୍ମରଣଶକ୍ତି ବୃଦ୍ଧି ଏବଂ ଚିନ୍ତାରୁ ମୁକ୍ତି ପାଇବା ପାଇଁ ମଧ ବ୍ୟବହାର କରାଯାଏ । ଏହାର ଅନ୍ୟାନ୍ୟ ଉପକାରିତାଗୁଡିକ ମଧ ରହିଛି ।

ଏହି ଚା'ରେ ପ୍ରଚୁର ପରିମାଣରେ ଆ । ଣ୍ଟି ଅ କ୍ ସି ଡ । ଣ୍ଟ ପ୍ରୋଆନ୍ଥୋସ୍ୟାନିଡିନସ' ଆମ ଶରୀରରେ କୋଷକ୍ଷୟକୁ ଠିକ୍ କରିବା ସହ ଏହା ତ୍ୱଚା ଓ ଚର୍ମ ପାଇଁ ମଧ ବେଶ୍ ଉପକାରୀ । ଏହା ଅକାଳ ବାର୍ଦ୍ଧକ୍ୟକୁ ମଧ ରୋକିଥାଏ ।

ବ୍ଲୁ ଟିରେ ଫ୍ଲାବନଏଡ୍ ଥାଏ ଯାହା ଚର୍ମର ଲୋଚାପଣକୁ ରୋକିଥାଏ । ଅପରାଜିତା ଫୁଲ କେଶ ପାଇଁ ବହୁତ ଦରକାରୀ ଏବଂ ଏହା କେଶ ମୂଳରେ ରକ୍ତ ସଂଚାଳନ ବୃଦ୍ଧି କରିଥାଏ ।

ମିଲ୍ ଖାଇବା ମଧରେ ଏକ କପ୍ ବ୍ଲୁ ଟି ପିଇବା ଦ୍ୱାରା ଏହା ଶରୀରକୁ ଯାଉଥିବା ଗ୍ଲୁକୋଜକୁ ରୋକିବା ସହ ରକ୍ତରେ ଶର୍କରା ପରିମାଣକୁ କମ୍ କରିଥାଏ । ଅପରାଜିତା ଫୁଲର ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଡାଇବେଟିସ୍‌ଜନିତ ସଂକ୍ରମଣକୁ କମ୍ କରିଥାଏ । ନିୟମିତ ଏହି ଚା'



ପିଇବା ଦ୍ୱାରା ହୃତପିଣ୍ଡ ସୁସ୍ଥ ରହିଥାଏ ।

ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ଚା' ପିଇବା ଦ୍ୱାରା ଚିନ୍ତା ଓ ଡିପ୍ରେସନରୁ ମଧ ମୁକ୍ତି ମିଳିଥାଏ । ନିୟମିତ ଏହାକୁ ପିଇବା ଦ୍ୱାରା ଫରକ୍ ଜାଣି ପାରିବେ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ମନ ଓ ମସ୍ତିଷ୍କକୁ ତାଜା କରିଥାଏ ।

ଏଥିରେ ଥିବା ପ୍ରଚୁର ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଶରୀରର କୋଷକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରିଥାଏ । ପ୍ରତ୍ୟହ ଏହି ଚା' ପିଇବା ଦ୍ୱାରା ଏହା ସମସ୍ତ ପ୍ରକାର କ୍ୟାନସର ଆଶଙ୍କା କମ୍ କରିଥାଏ ।

ଅପରାଜିତା ଫୁଲ ଆମ ଶରୀରରେ ଏସିଡାଇକୋଲିନ୍ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏସିଟାଇକୋଲିନ୍ ମସ୍ତିଷ୍କରେ ଯୋଗାଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ବୟସ ବୃଦ୍ଧି ସହ ମସ୍ତିଷ୍କରେ ଏହାର ଉତ୍ପାଦନ କମି ଯାଇଥାଏ । ତେଣୁ ବ୍ଲୁ ଟି ପିଇବା ଦ୍ୱାରା ପର୍ଯ୍ୟାପ୍ତ ପରିମାଣରେ ଏହା ମିଳିଥାଏ ।

ବ୍ଲୁ ଟି ଟାଇପ୍-୨ ଡାଇବେଟିସ୍‌ରୁ ରକ୍ଷା କରିଥାଏ । ଖାଦ୍ୟ ଖାଇବାର ଏକ ଘଣ୍ଟା ପରେ କିମ୍ବା ପୂର୍ବରୁ ଏହାକୁ ପିଇବା ଦ୍ୱାରା ସୁଫଳ ପାଇବେ । ଏହି ଚା' ତିଆରି କରିବାର ଏକ ସ୍ୱତନ୍ତ୍ର ପ୍ରଣାଳୀ ଅଛି । ଏକ କପ୍ ପାଣି ନେଇ ୯୦-୧୦୦ ଡିଗ୍ରି ସେଲସିୟସରେ ଫୁଟାନ୍ତୁ । ପାଣି ଫୁଟିବା ଆରମ୍ଭ ହେଲେ ଏଥିରେ କିଛି ଅପରାଜିତା ଫୁଲର ପାଖୁଡ଼ା ପକାଇ ୩ ମିନିଟ୍ ଫୁଟାନ୍ତୁ । ରଙ୍ଗ ନୀଳ ହେଲେ ଏହାକୁ ଛାଣି ଦିଅନ୍ତୁ । ଦିନକୁ ଦୁଇଥର ବିନା ଚିନିରେ ଏହି ଚା' ପିଅନ୍ତୁ । ଯଦି ଆପଣଙ୍କୁ ମିଠା ଚା' ଦରକାର ତେବେ ଚିନି ବଦଳରେ ମହୁ ବ୍ୟବହାର କରନ୍ତୁ ।

## ହର୍ମୋନ ତିଆରି କରେ ଲିଚୁ

**ଲିଚୁ** ସ୍ୱାଦିଷ୍ଟ ସାଙ୍ଗକୁ ସୁସ୍ଥ ସ୍ୱାସ୍ଥ୍ୟର ବାହକ ମଧ । ଏହାର ସେବନ ଦ୍ୱାରା ଶରୀରରେ ଶକ୍ତି ପାଇଁ ଆବଶ୍ୟକ ଷ୍ଟେରଏଡ୍ ହର୍ମୋନ୍ ଏବଂ ହିମୋଗ୍ଲୋବିନ୍‌ର ନିର୍ମାଣ ହୋଇଥାଏ । ଲିଚୁରେ ଭିଟାମିନ୍ ସି, କ୍ୟାଲୋରୀ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ବି କମ୍ପ୍ଲେକ୍ସ, ପଟାସିୟମ୍, ଫସଫରସ ଭଳି ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ । ଏଥିରେ



ସାଚୁରେଟେଡ୍ ଫ୍ୟାଟ୍ ଏବଂ ସୋଡିୟମର ମାତ୍ରା ଖୁବ୍ କମ୍ ଥାଏ । ଭିଟାମିନ୍ ସି ପ୍ରଚୁର ମାତ୍ରାରେ ଥିବା କାରଣରୁ ଏହା ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟର ସ୍ରୋତ ଭଳି କାମ କରେ । ଏହାସହ ଲିଚୁ ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ ଏବଂ ସଂକ୍ରମଣ ଆଶଙ୍କା ହ୍ରାସପାଏ । କେବଳ ସେତିକି ନୁହେଁ ବୟସର ପ୍ରଭାବ ବି ଚେହେରାରେ ଆସିବାକୁ ଦିଏ ନାହିଁ । ଦୈନନ୍ଦିନ ୪ ଟି ଲିଚୁ ସେବନ କରିବା ଉଚିତ୍ ।

## ଆପଣ ଜାଣନ୍ତି କି ?

- ପ୍ରତିଦିନ ହ୍ୱାଟ୍ସଆପ୍‌ରେ ପ୍ରାୟ ୪୩୦୦ କୋଟି ମେସେଜ୍ ପଠା ଯାଇଥାଏ । ଜଣେ ୟୁଜର ଦିନକୁ ପାଖାପାଖି ୭୦ ଏବଂ ମାସକୁ ୧୦୦୦ ରୁ ଅଧିକ ମେସେଜ୍ ପଠାଇଥାଏ ।
- ୧୯ ଫେବୃୟାରୀ ୨୦୧୪ ମସିହାରେ ଫେସବୁକ୍ ହ୍ୱାଟ୍ସଆପକୁ ୧୯ ମିଲିୟନ୍ ଡଲାରରେ କିଣିଥିଲା । ସେହିବର୍ଷ ହ୍ୱାଟ୍ସଆପ୍‌ର ଆୟ ପ୍ରାୟ ୨୦ ମିଲିୟନ୍ ଡଲାର (ପ୍ରାୟ ୧୩୩ କୋଟି ଟଙ୍କା) ଥିବା ଆକଳନ କରାଯାଇଥିଲା ।
- ଏହି ସୋସିଆଲ୍ ସାଇଟରେ ପ୍ରତିଦିନ ୧୬୦ କୋଟି ଫଟୋ ଏବଂ ୨୫ କୋଟି ଭିଡିଓ ଶେୟାର କରାଯାଇଥାଏ ।
- ୨୦୧୬ ମସିହା ଫେବୃୟାରୀ ମାସର ଡାଟା ଅନୁଯାୟୀ, ହ୍ୱାଟ୍ସଆପ୍‌ରେ ମାସକୁ ପ୍ରାୟ ୧୦୦ କୋଟି ଲୋକ ଆକ୍ଟିଭ୍ ରହିଥାନ୍ତି ।
- ହ୍ୱାଟ୍ସଆପ୍ ସିଲିକନ୍ ଭ୍ୟାଲୀଠାରେ ପ୍ରସ୍ତୁତ କରାଯାଇଛି । କିନ୍ତୁ ଏହି କମ୍ପାନୀର ହେଡକ୍ୱାର୍ଟର କାଲିଫର୍ନିଆଠାରେ ଅବସ୍ଥିତ ।
- ଜଣେ ଆଭରେଜ୍ ହ୍ୱାଟ୍ସଆପ୍ ୟୁଜର ପ୍ରତି ସପ୍ତାହରେ ପ୍ରାୟ ୧୯୫ ମିନିଟ୍ ଏଥିରେ ବ୍ୟୟ କରୁଥିବା ବେଳେ ଦିନକୁ ୨୩ ଥର ହ୍ୱାଟ୍ସଆପ୍ ଚେକ୍ କରିଥାଏ ।
- ଜିମେଲ୍, ଗୁଗୁଲ, ମ୍ୟାପ୍, ଫେସବୁକ ଏବଂ ଗୁଗଲ୍ ହ୍ୟାଙ୍ଗଆଉଟ ପରେ ଏହା ହେଉଛି ବିଶ୍ୱର ପଞ୍ଚମ ସର୍ବାଧିକ ଡାଉନଲୋଡ କରାଯାଉଥିବା ଆପ୍ ।
- ସାରା ବିଶ୍ୱରେ ଭାରତବାସୀ ସବୁଠାରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାର କରିଥାନ୍ତି । ୨୦୧୬ ର ଆକଳନ ମୁତାବକ, ଭାରତରେ ପ୍ରାୟ ୧୦୦ ମିଲିୟନ୍ ହ୍ୱାଟ୍ସଆପ୍ ବ୍ୟବହାରକାରୀ ଅଛନ୍ତି ।

## ଔଷଧୀୟ ଗୁଣରେ ଭରପୁର କଖାରୁ

**କଖାରୁ** ଗଛକୁ ଲଗାଇବା ପାଇଁ ଆଦୌ ଅର୍ଥ ଖର୍ଚ୍ଚ କରିବାକୁ ପଡେ ନାହିଁ କି ବେଶୀ ପରିଶ୍ରମ ମଧ କରିବାକୁ ପଡି ନ ଥାଏ । ସହଜରେ ଚାଳ ବା ଭାଡି ସହାୟତାରେ ବଢ଼ିଯିବା ସହିତ ଗଛରେ କଖାରୁ ଭଲ ଫଳି ଥାଏ । ପ୍ରାୟତଃ ଏହାକୁ ଖାଇବାକୁ ପସନ୍ଦ କରୁ ନଥିଲେ ହେଁ ଏହା କିନ୍ତୁ ସ୍ୱାସ୍ଥ୍ୟକୁ ଭଲ ରଖେ । ବିଭିନ୍ନ ସମୟରେ ବିଭିନ୍ନ ପ୍ରଜାତିର କଖାରୁ ଚାଷ କରାଯାଏ । ଖରାଟିଆ, ବର୍ଷାଦିନିଆ ଓ ଶୀତଦିନିଆ କଖାରୁକୁ ୧୨ ମାସି ଚାଷ କରାଯାଇ ପାରିବ ।

କଖାରୁରେ ଭରପୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ମିଳିଥାଏ ।

ଏଥିରେ ଭିଟାମିନ୍ କେରୋଟିନ ମଧ ମିଳିଥାଏ । ଯାହାକି ଭିଟାମିନ୍ ଏ'ର ହେଉଛି ଉତ୍ତମ ସ୍ରୋତ ।

ଉତ୍ତମ ରଙ୍ଗଯୁକ୍ତ କଖାରୁରେ କେରୋଟିନ୍ ମାତ୍ରା ଅଧିକ ଥାଏ ।

ଏହା ଶରୀର ଫ୍ରି ରେଡିକଲସକୁ ନଷ୍ଟ କରିଥାଏ ।

**ଶରୀରକୁ ଥଣ୍ଡା ରଖେ :** କଖାରୁ ଶରୀରରେ ଖୁବ୍ ଥଣ୍ଡା ପହଞ୍ଚାଇ ଥାଏ ।

କଖାରୁ ଥଣ୍ଡାକୁ କାଟି ଏଥିରେ ପାଦକୁ ଗରମ ଓ ଦେହକୁ ଥଣ୍ଡା କରିବାରେ ସହାୟକ ହୋଇଥାଏ ।

ଜ୍ୱରକୁ ଦୂର କରିବା ପାଇଁ କଖାରୁ ଖୁବ୍ ଫଳପ୍ରଦ । ଏହାକୁ ଖାଇବା ଫଳରେ ଦେହରେ ରହୁଥିବା ଟେମ୍ପେରେଚର ଦୂର ହୁଏ ।

**ମନକୁ ଶାନ୍ତ କରେ :** କଖାରୁ ଖୁବ୍ ଗୁଣକାରୀ । ବିଶେଷ ତତ୍ତ୍ୱ କାରଣରୁ ଏହାକୁ ଖାଇବା ଫଳରେ ମସ୍ତିଷ୍କ ଶାନ୍ତ ରହିଥାଏ ।

**ହୃଦ୍ ରୋଗ ଦୂର କରେ :** ବିଶେଷଜ୍ଞ କହନ୍ତି କି ହୃଦରୋଗୀଙ୍କ ଲାଗି କଖାରୁ ଖୁବ୍ ଅଧିକ ଲାଭକାରୀ ।

ଏହା ଶରୀରର କୋଲେଷ୍ଟ୍ରଲ ପରିମାଣକୁ କମ୍ କରିଥାଏ ।

ଯାହା ଫଳରେ ହୃଦୟକୁ ସହଜରେ ଅକ୍ସିଜେନ ପହଞ୍ଚିଥାଏ ।

କଖାରୁ ନ୍ୟୁଟ୍ରେଶନ ଯୁକ୍ତ ହୋଇଥାଏ ।

**ମଧୁମେହ ନିୟନ୍ତ୍ରଣ :** କଖାରୁକୁ ନିୟମିତ ଖାଇବା ଫଳରେ ବ୍ଲଡ ସୁଗାର କଣ୍ଟ୍ରୋଲରେ ରହିଥାଏ ।

କଖାରୁ ଖାଇଲେ ଅଗ୍ନାଶୟ ସକ୍ରିୟ ରହେ ।

ଡାକ୍ତର ମଧୁମେହ ରୋଗୀଙ୍କୁ ଖାଦ୍ୟରେ କଖାରୁକୁ ସାମିଲ କରିବାକୁ ପରାମର୍ଶ ଦେଇଥାନ୍ତି ।

**ଆଇରନ ଯୁକ୍ତ :** ବହୁ ମହିଳାଙ୍କ ଠାରେ ଆଇରନ କମ୍ ରହିଥାଏ , ତେଣୁ ମହିଳାମାନେ ୪୦ ବର୍ଷ



ପରେ କମଜୋର ହୋଇ ଯାଆନ୍ତି ଓ ଆଇରନ କମ୍ ହୋଇଥାଏ । ତେଣୁ ଏହାକୁ ମହିଳାମାନେ ନିୟମିତ ଖାଇବା ଉଚିତ ।

ମହିଳାଙ୍କର ରକ୍ତହୀନତା ରୋଗ ଦୂର କରେ କଖାରୁ । ନିୟମିତ କଖାରୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ।

କଖାରୁ ମଞ୍ଜିରେ ଜିଙ୍କ୍, ପୋଟାସିୟମ୍, ଆଇରନ ଓ ମ୍ୟାଗ୍ନେସିୟମ୍ ସବୁକିଛି ମିଳିଥାଏ । କଖାରୁ ଶରୀରରେ ଫାଇବର ଅଭାବକୁ ପୂରଣ କରିଥାଏ । ଏଥି ସହିତ ପେଟର ବହୁ ସମସ୍ୟା ଦୂର କରେ । ପେଟରେ ସମସ୍ୟା ସହିତ ଏସିଡିଟିକୁ ମଧ ଦୂର କରେ ।

**ସୁନିଦ୍ରା ପ୍ରଦାନ କରେ :** ଯଦି ଅନିଦ୍ରା ସମସ୍ୟା ରହିଛି ତେବେ କଖାରୁ ଖାଇବା ଉପକାରୀ ।

ନିୟମିତ ଖାଇଲେ ସେରୋଟୋନିନକୁ ବଦଳାଇ ଗଭୀର ନିଦ ଆଣିବାରେ ଖୁବ୍ ସହାୟକ ହୋଇଥାଏ । ଏପରି କଖାରୁରେ ରହିଥିବା ଏମିନୋ ଏସିଡ୍ ଟ୍ରିପ୍ଟୋଫନ୍ କାରଣରୁ ହୋଇଥାଏ ।

## କହିପାରିବେ କି ?

(୧) ପ୍ରସିଦ୍ଧ ବୌଦ୍ଧ ମଠ ଟାବୋ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(୨) ସାଂଘାଇ ଫେଷ୍ଟିଭାଲ୍ କେଉଁ ରାଜ୍ୟରେ ପାଳନ କରାଯାଏ ?
(୩) ଅଜନ୍ତା ଓ ଏଲୋରା ଗୁମ୍ଫାରେ ଥିବା ବିଭିନ୍ନ ପେଣ୍ଟିଂ କଳା କେଉଁ ରାଜବଂଶ ସମୟରେ କରାଯାଇଥିଲା ?
(୪) କେଉଁ ରାଜ୍ୟର ଶାସ୍ତ୍ରୀୟ ନୃତ୍ୟକଳାକୁ ସାତ୍ରୀୟ କୁହାଯାଏ ?
(୫) ଗର୍ବା ନୃତ୍ୟ କେଉଁ ରାଜ୍ୟ ସହ ଜଡିତ ?
(୬) କେଉଁ ରାଜ୍ୟରେ କୁଚୁପୁଡି ନୃତ୍ୟ କରାଯାଏ ?
(୭) କେଉଁ ରାଜ୍ୟର ପ୍ରସିଦ୍ଧ ଲୋକନୃତ୍ୟ ହେଉଛି ବିହୁ ?
(୮) ଭାରତରେ ମୋଗଲ ପେଣ୍ଟିଂ କେଉଁ ରାଜାଙ୍କ ସମୟରେ ବେଶୀ ଲୋକପ୍ରିୟ ହୋଇ ପାରିଥିଲା ?
(୯) ପୁଷ୍କର ମେଳା କେଉଁଠାରେ ଆୟୋଜନ କରାଯାଏ ?
(୧୦) 'ସାରେ ଜାହାଁ ସେ ଅଚ୍ଛା' ଲୋକପ୍ରିୟ ସଙ୍ଗୀତକୁ କିଏ ରଚନା କରିଥିଲେ ?

### JUMBLE WORDS

| | | | |
|---|---|---|---|
| 1) MRYAWL | = | 6) HAYTPC | = |
| 2) BEDTEA | = | 7) LOBTA | = |
| 3) TOLTO | = | 8) OTARI | = |
| 4) ROPEN | = | 9) LESPYE | = |
| 5) IKOVNE | = | 10) KATMER | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ସୋଡିୟମ୍ କାର୍ବୋନେଟ, ୨. ଏକ ପ୍ରକାରର ନାଲି ରଙ୍ଗର ରାସାୟନିକ ତରଳ ପଦାର୍ଥ, ୩. ହୀରା, ୪. ଅକ୍ସିଜେନ ଓ ଏସିଟିଲିନ୍, ୫. ୩.୫ ପ୍ରତିଶତ, ୬. ଡ୍ୟୁଟେରିଅମ୍ ଅକସାଇଡ୍, ୭. ହାଇଡ୍ରୋଜେନ, ୮. କୋଲକାତାର 'ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନଷ୍ଟିଚ୍ୟୁଟ', ୯. ହୋମ୍ ପ୍ପେ, ୧୦. ଆବିଏମ୍ (ଇଣ୍ଟରନ୍ୟାସନାଲ ବିଜନେସ୍ ମେସିନ୍ସ କର୍ପୋରେସନ)

***Jumble Words* ର ଉତ୍ତର :-**

(1) VINYL (2) TINGE (3) PEACHY (4) FIZZLE (5) NERDY
(6) BRICK (7) DEFIER (8) HAZARD (9) TIPSY (10) DRAWN

# ଦୀନବାନ୍ଧବ କ୍ଷେତ୍ରରେ ଜଳିଲା ୧ ଲକ୍ଷ ୭୧ ହଜାର ଦୀପ

ଝାରସୁଗୁଡ଼ା: ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳ ବନ୍ଧବାହାଲରେ ସାମୂହିକ ଦୀପଦାନ ଉତ୍ସବ ପାଳିତ ହୋଇଯାଇଛି । ଦୀପାବଳୀ ଅବସରରେ ଏହି ବର୍ଷକୁ ଧରି ଚାରିବର୍ଷ ହେବ ଏକ ମହାନ ପ୍ରୟାସ ଆରମ୍ଭ କରାଯାଇଥିବା ବେଳେ ଚଳିତ ବର୍ଷ ଅଯୋଧାକୁ ଛାଡିଦେଲେ ସମଗ୍ର ଭାରତ ବର୍ଷରେ ଏଭଳି ଏତେ ଦୀପ ଏକାସାଙ୍ଗରେ ଜଳି ଉତ୍ସବ ପାଳନ କରିବା ହିତୀୟ ବୋଲି କୁହାଯାଇଛି । ଶାନ୍ତି, ମୈତ୍ରୀ ଓ ଭାଇଚାରା ଭାବସହ ରାଷ୍ଟ୍ର ଗଠନ ନେଇ ଲଖନପୁର କ୍ଷେତ୍ର ପକ୍ଷରୁ ପ୍ରଥମ ବର୍ଷ ୫ହଜାର ୧୦୦, ଦ୍ୱିତୀୟ ବର୍ଷ ୫୧ ହଜାର ୫୧, ତୃତୀୟ ବର୍ଷ ୧ଲକ୍ଷ ୧୧ ହଜାର ୧୧୧ ଓ ଚଳିତବର୍ଷ ୧ଲକ୍ଷ ୨୧ହଜାର ଦୀପ ପ୍ରଜ୍ୱଳନ କରାଯାଇଥିଲା । ସକାଳେ ମନ୍ଦିର ଚତୁଃପାର୍ଶ୍ୱରେ ମହାପ୍ରଭୁ ବିଷ୍ଣୁଙ୍କ ଦଶାବତାର ବିଗ୍ରହ ସ୍ଥାପନ କରାଯାଇ ପ୍ରାଣ ପ୍ରତିଷ୍ଠା କରା ଯାଇଥିଲା । ଏଥିରେ - ଜିଏମ ଅପରେସନ ସତ୍ୟଭୂଷଣ ବାରିକ କର୍ତ୍ତା ଦାୟିତ୍ୱ ତୁଲେଇଥିଲେ । ସନ୍ଧ୍ୟାରେ



ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ଦୀପଦାନ କରିବାପରେ, ମନ୍ଦିର ଉପରକୁ ମହାଦୀପ ଉଠିଥିଲା । ପରେ ସମୂହ ଦୀପଦାନ କରାଯାଇଥିଲା । ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲ ସିଏମଡି ଅନନ୍ତ ଉଦୟ କାଓଲେ, ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପୁରଷୋତ୍ତମ ଦାସ, ଏମସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପ୍ରଣବ କୁମାର ପଟେଲ, ଡିଟି ଅପରେସନ ଯୁଗଳ କିଶୋର ଭୋରା, ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରିଆ, ଡିଟିପି ଆଣ୍ଡ ପି ସଞ୍ଜୟ କୁମାର ବାପଟ, ଜିଏମ୍ ଇବ୍ ଭ୍ୟାଲି ଅର୍ଦ୍ଧ କୁମାର ପାଣ୍ଡେ ପ୍ରମୁଖ ପହଞ୍ଚି ଭବ୍ୟ ସମାରୋହରେ ସାମିଲ ହୋଇଥିଲେ । ଲଖନପୁର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ପିଓଭିକେ ସିଂହ ତଥା ଶ୍ରମିକ ସଂଗଠନର ଜେସିସି ମେମ୍ବର ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ସମୁଦାୟ ଦୀପ ମଧରେ ଆଇଏଲବିଏଲ୍ ପକ୍ଷରୁ ୬୫ହଜାର, କୋଲୱାସେରୀ ପକ୍ଷରୁ ୨୦ହଜାର, ଜିଏମ୍ କାର୍ଯ୍ୟାଳୟ ପକ୍ଷରୁ ୨୫ହଜାର, ସିଡବ୍ଲୁଏସ୍ ପକ୍ଷରୁ ୨୧ହଜାର ଦୀପଦାନ କରାଯାଇଥିଲା । ଏଥପାଇଁ ମନ୍ଦିର ସମ୍ମୁଖୀ ବଡ଼ଦାଣ୍ଡ, ପାର୍କ, ମନ୍ଦିର ପରିସରରେ ବିଭିନ୍ନ ରଙ୍ଗବେରଙ୍ଗର ଚିତାକର୍ଷକ ଝୋଟି, ରଙ୍ଗବେରଙ୍ଗର ଆଲୋକ ସଜ୍ଜା କରାଯାଇଥିଲା । ଏଥିରେ ବିଭାଗୀୟ ଅଧିକାରୀ ସମେତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ସଂଗଠନ ସ୍କୁଲ ଛାତ୍ରଛାତ୍ରୀ ଓ ମନ୍ଦିର କମିଟିର ସଭ୍ୟ ବନ୍ଧବାହାଲ ତଥା ଆଖପାଖ ଅଞ୍ଚଳରୁ ୨୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

# ପଶ୍ଚିମ ଓଡ଼ିଶାର ୧୭୧ ଜଣ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ

ସମ୍ବଲପୁର: ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପେ ଆଣ୍ଡ ୱିନ- ଖୁଲ ଜା ସିମ୍‌ସିମ୍ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାର ୧୭୧ଜଣ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ ହୋଇଛନ୍ତି । ଶୂନ୍ୟ ବକେୟା ଥିବା ଉପଭୋକ୍ତାମାନଙ୍କୁ ଏହି ଲକି ଡ୍ର କାର୍ଯ୍ୟକ୍ରମରେ ସାମିଲ କରାଯାଇ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ୧୪ ସବଡିଭିଜନର ୪୨ ଉପଭୋକ୍ତା ପୁରସ୍କୃତ ହୋଇଛନ୍ତି । ପ୍ରତି ସବଡିଭିଜନରୁ ୩ ବିଜେତାଙ୍କୁ ଏକ ସଂଖ୍ୟାଭିତ୍ତିକ ଲକି ଡ୍ର ମାଧମରେ ଚୟନ କରାଯାଇଥିଲା । ପ୍ରଥମ ବିଜେତାଙ୍କୁ ସ୍ମାର୍ଟ ଫୋନ, ଦ୍ୱିତୀୟ ବିଜେତାଙ୍କୁ ମ୍ୟୁଜିକ ପ୍ଲେୟାର ଏବଂ ତୃତୀୟ ବିଜେତାଙ୍କୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ପ୍ରତିମାସ ନିୟମିତ ଶୂନ୍ୟ ବକେୟା ଥିବା ଲକି ଭାଗ୍ୟଶାଳୀ ଉପଭୋକ୍ତାମାନଙ୍କୁ ପୁରସ୍କୃତ କରାଯିବ ବୋଲି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି ।

# ନିଜ ଗାଁରେ ଦୀପାବଳି ମନେଇଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମମାଟି କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ରାଇକଳା ଗ୍ରାମରେ ସାନ୍ତାଳୀ ପରମ୍ପରା ଅନୁଯାୟୀ ଦୀପାବଳି ପାଳନ କରିଛନ୍ତି । ମାଦଳ ବଜାଇ ନିଜ ଲୋକଙ୍କ ସହ ନାଚିଥିଲେ । ବିଭିନ୍ନ ପୂଜା ମଣ୍ଡପ ବୁଲି ପୂଜାର୍ଚ୍ଚନା କରିଥିଲେ ।

ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ପାଦ ବନ୍ଦାପନା କରି ଘରକୁ ପାଛୋଟି ନେଇଥିଲେ । ସେ ନିଜ ଗାଁ ମୁଣ୍ଡ ପଡ଼ିଆରେ ଗୋଠାଣି ପୂଜାରେ ଯୋଗଦେବା ପରେ ନିଜ ପରିବାର ଓ ଆତ୍ମୀୟସ୍ୱଜନଙ୍କ ସହିତ ଦୀପାବଳି ପାଳନ କରିଥିଲେ । ଘରେ କାଳୀପୂଜା କରିବା ସହ ଗାଁରେ ଲୋକଙ୍କ ସହିତ ନିଜକୁ ସାମିଲ କରି ପୂଜାର୍ଚ୍ଚନା କରିଥିଲେ । ମୁଖ୍ୟମନ୍ତ୍ରୀ ମାଦଳ ବଜାଇ ଗ୍ରାମବାସୀଙ୍କ ସହ ସହରାଇ ପୂଜାରେ ସାମିଲ ହୋଇଥିଲେ । ଗ୍ରାମବାସୀ ସହ ମିଶି ବାଜା ବଜାଇ ନାଚିଥିଲେ । ବାଣ ଫୁଟାଇ ଦୀପାବଳି ପାଳନ କରିବା ସହ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଗାଁ ଦାଣ୍ଡରେ ମୁରୁଜ ପକାଯାଇଥିଲା । ଆଲୋକମାଳାରେ ଗାଁ ସଜାଯିବା ସହ କଳସ ବସାଯାଇଥିଲା ।

ଗ୍ରାମରେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ଘରୋଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କେନ୍ଦୁଝରର ସର୍ବ ପୁରାତନ କାଳୀ ପଡ଼ିଆରେ ଅନୁଷ୍ଠିତ ପୂଜା ତଥା' କାଳୀ ତୀର୍ଥରେ ମା'ଙ୍କ ଦର୍ଶନ କରିଥିଲେ । ପରେ ଅନ୍ୟାନ୍ୟ କାଳୀମଣ୍ଡପକୁ ଯାଇ ପୂଜାର୍ଚ୍ଚନା କରିବା ସହ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ, କାଳୀପୂଜାକୁ ସାନ୍ତାଳୀ ଭାଷାରେ 'ସହରାଇ' (ପେ ମାହଁଅ) ବୋଲି କୁହାଯାଏ । ସହରାଇ ୩ ଦିନ ପାଳନ କରାଯାଏ । ଏହି ଅବସରରେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଗୁହାଳକୁ ଲିପାପୋଛା କରି ସଜାଇଥାନ୍ତି । ପ୍ରଥମ 'ଗୋଟବଙ୍ଗା' ପାଳନ କରାଯାଇ ଅଣ୍ଡା ପୂଜା କରାଯାଏ । ସାହିର ସବୁ ବଳଦ, ଗାଈଙ୍କୁ ନେଇ ସେହି ଅଣ୍ଡା ମଡାଯାଏ । ଦ୍ୱିତୀୟ ଦିନ ଗୋବର୍ଦ୍ଧନ 'ଖଳାବଙ୍ଗା' ତଥା କୁକୁଡ଼ା ପୂଜା କରାଯାଏ । ତୃତୀୟ ଦିନ 'ବୁଢୀ ବନ୍ଦନା'ରେ ବଳଦ, ଗାଈଙ୍କୁ ଘାସ ଖୁଆଇ ବନ୍ଦାପନା କରାଯାଇଥାଏ । ଏହି ପୂଜା କଲେ ଚାଷ ଭଲ ହୁଏ ବୋଲି ବିଶ୍ୱାସ ରହିଛି ।

# 'ଶୃଙ୍ଖଳିତ ଜୀବନ ଯାପନ ସହ ଲକ୍ଷ୍ୟ ଉପରେ ଫୋକସ୍'



ସମ୍ବଲପୁର: ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଅଧ୍ୟୟନରତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଶିକ୍ଷାର୍ଥୀମାନଙ୍କୁ ନେଇ 'ଯୁବ ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନେ ଶୃଙ୍ଖଳିତ ଜୀବନଯାପନ ସହ ସେମାନଙ୍କ ଲକ୍ଷ୍ୟ ଉପରେ ଧାନ କେନ୍ଦ୍ରୀଭୂତ କରିବାକୁ ପରାମର୍ଶ ଦେଇଥିଲେ । ପବ୍ଲିକ ଲାଇବ୍ରେରୀ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସ୍ୱାଗତ ଭାଷଣ ଏବଂ ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ଦେଇଥିଲେ । ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଆଲୋଚ୍ୟ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ରବିନାରାୟଣ ମିଶ୍ର ଲାଇବ୍ରେରୀ ଅଟୋମେସନ ଉପରେ ଆଲୋଚନା କରିଥିବାବେଳେ ସହ- ସମ୍ପାଦକ ପ୍ରଦୀପ ପଣ୍ଡା ଶିକ୍ଷାର୍ଥୀମାନଙ୍କ ମଧରେ ହୋଇଥିବା ସାଧାରଣ ଜ୍ଞାନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ପ୍ରତିଯୋଗିତାରେ ସୁଚରିତା ନାୟକ ଓ ସପ୍ନା ଯୁଗ୍ମ ପ୍ରଥମ, ରଞ୍ଜିତା ପ୍ରଧାନ ଦ୍ୱିତୀୟ ଏବଂ ଜିତେନ୍ଦ୍ର ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସଭ୍ୟ ସଚିବ ରଘୁନାଥ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ୫୦ ଶଯ୍ୟା ବିଶିଷ୍ଟ ଜରୁରୀକାଳୀନ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼: ଆୟୁର୍ବେଦ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ବିଭିନ୍ନ




ପ୍ରକଳ୍ପ ଉଦଘାଟନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ନବନିର୍ମିତ ଓଡ଼ିଶାର ପ୍ରଥମ ୫୦ ଶଯ୍ୟା ବିଶିଷ୍ଟ ଜରୁରୀକାଳୀନ ଚିକିତ୍ସା କେନ୍ଦ୍ର ମଧ ତାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏଠାରେ ଆୟୋଜିତ ଉଦଘାଟନୀ ସମାରୋହରେ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ନିହାର ରଞ୍ଜନ ମହାନନ୍ଦ, ଇରାଶିଷ ଆଚାର୍ଯ୍ୟ, ସନତ କୁମାର ଗଡ଼ତିଆ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଅତିରିକ୍ତ ମିଶନ ନିର୍ଦ୍ଦେଶକ ମୃଣାଳକାନ୍ତି ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ, ଏହି ୫୦ ଶଯ୍ୟା ବିଶିଷ୍ଟ ଜରୁରୀକାଳୀନ ଚିକିତ୍ସା କେନ୍ଦ୍ର ପିଏମ୍ ଆୟୁଷ୍ମାନ ଭାରତ ଇନଫ୍ରାଷ୍ଟ୍ରକ୍ଚର ମିଶନ ଗ୍ରାଣ୍ଟ ମାଧମରେ ସର୍ବମୋଟ ୧୮ କୋଟି ୧୦ ଲକ୍ଷ ୯୭ ହଜାର ୯ ଶହ କୋଡିଏ ଟଙ୍କା ଅଟକଳ ମୂଲ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଛି । ତିନି ମହଲା ବିଶିଷ୍ଟ ଉକ୍ତ ଜରୁରୀକାଳୀନ ଚିକିତ୍ସା କେନ୍ଦ୍ରରେ ଡାଏଲିସିସ୍ ନିମନ୍ତେ ୨ ଗୋଟି ଶଯ୍ୟାର ବ୍ୟବସ୍ଥା ଥିବା ବେଳେ ଆଇସୋଲେସନ ୱାର୍ଡ ଠାରେ ୨୪ ଗୋଟି, ହାଇ ଡିପେଣ୍ଡାନସି ୟୁନିଟ ଠାରେ ୮ ଗୋଟି, ଆଇସିୟୁ ଠାରେ ୧୦ ଗୋଟି, ଜରୁରୀକାଳୀନ ଚିକିତ୍ସା ପାଇଁ ୨ ଗୋଟି, ମାତୃ ଏବଂ ଶିଶୁ କିକିତ୍ସା ପାଇଁ ୨ ଗୋଟି ଏବଂ ପୋଷ୍ଟ ଅବସରଭେସନ ପାଇଁ ୨ ଗୋଟି ଶଯ୍ୟାର ବ୍ୟବସ୍ଥା ରହିଛି । ଏତଦବ୍ୟତୀତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏଠାରେ ପୁଲିସ ଆଉଟ ପୋଷ୍ଟ ଏବଂ ଫାୟାର କଣ୍ଟ୍ରୋଲ ରୁମ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିରୁପମା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଏମ୍‌ସିଏଲ୍‌ରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ









ବୁର୍ଲା : 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି' ବିଷୟକୁ ଆଧାରକରି ଏମ୍‌ସିଏଲ୍ ମୁଖ୍ୟାଳୟ ସହିତ ଏହାର ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ.ପଟେଲ, ବୈଷୟିକ ନିର୍ଦ୍ଦେଶକ (ପରିଚାଳନା) ଜି.କେ.ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ନିର୍ଦ୍ଦେଶକ (ପ୍ରକଳ୍ପ ଓ ଯୋଜନା) ଏ.ଏସ୍. ବାପଟଙ୍କ ଉପସ୍ଥିତିରେ ଅଧିକାରୀ ଓ କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ସଚ୍ଚୋଟତା ରକ୍ଷା ପାଇଁ ଶପଥ ପାଠ କରାଇଥିଲେ । ଏହାଛଡ଼ା ଶ୍ରୀ କାଓଲେ ସବୁଜ ପତାକା ଦେଖାଇ ଭିଜିଲାନ୍ସ ରଥର ଯାତ୍ରା ଆରମ୍ଭ କରାଇଥିଲେ । ଏହି ରଥ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମ୍ବଲପୁର ସହର ସମେତ ଜିଲ୍ଲାର ବିଭିନ୍ନ ଗାଁ ଓ ସହର ପରିକ୍ରମା କରିଥିଲା । ଏହି ଅବସରରେ 'ସତ୍ୟନିଷ୍ଠା ପାଇଁ ଏକ ଗଛ' ଅଭିଯାନ କ୍ରମରେ ସିଏମଡି ଓ ନିର୍ଦ୍ଦେଶକ ବୃନ୍ଦ ବୃକ୍ଷରୋପଣ କରିଥିଲେ । ସେହିପରି କମ୍ପାନୀର ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସପ୍ତାହ ପାଳନ ଅବସରରେ ବିତର୍କ ମିଟ୍, ସାଇକଲ ଶୋଭାଯାତ୍ରା, ଗ୍ରାମସଭା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଏନଏଲସିରେ ଭିଜିଲାନ୍ସ ସଚେତନତା ସପ୍ତାହ




ସମ୍ବଲପୁର : ଏନଏଲସି ଇଣ୍ଡିଆ ଲିମିଟେଡ୍ (ଏନଏଲସିଆଇଏଲ) ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି । ତଲାବିରା ସ୍ଥିତ ଏନଏଲସିର ଖଣି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବଲପୁର ଲାଲା ଲଜପତରାୟ ଆଇନ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିଜୟାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସତର୍କତା ସଚେତନତା ଓ ଦୁର୍ନୀତି ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରକଳ୍ପ ମୁଖ୍ୟ ସି. ଦୟାନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କମ୍ପାନୀର ଇ.ଡି କେ. ମାଥି, ମାନବ ସମ୍ବଳ ବିଭାଗ ମୁଖ୍ୟ ସୁବ୍ରତ ବିଶ୍ୱାଳ ଏବଂ ମୁଖ୍ୟ ପ୍ରବନ୍ଧକ ପ୍ରଭଞ୍ଜନ ମହାପାତ୍ର, ଉପ ପ୍ରବନ୍ଧକ ଶରତ ଚନ୍ଦ୍ର ବେହେରା ଏବଂ ଭିଜିଲାନ୍ସ ବିଭାଜନ ଅଧିକାରୀ ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷର ଥିମ୍ 'ଜାତିର ସମୃଦ୍ଧି ପାଇଁ ସଂହତିର ସଂସ୍କୃତି' ଉପରେ ଆଲୋକପାତ କରିଥିଲେ । ଏହାସହ ସେଲ୍‌ଫି ଷ୍ଟାଣ୍ଡର ଉଦ୍‌ଘାଟନ କରାଯାଇଥିବା ବେଳେ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା । କମ୍ପାନୀ ପକ୍ଷରୁ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୀତି, ସତ୍ୟନିଷ୍ଠା, ସଂହତି ଓ ମୂଲ୍ୟବୋଧର ଅନୁଭବ ଓ ଉନ୍ନତି ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କ୍ରମରେ ସମ୍ବଲପୁରର ମଦନାବତୀ ପବ୍ଲିକ ସ୍କୁଲରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ୬୦୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅନୁରୂପ ଭାବେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିବା ବେଳେ ୧୪୦ ଜଣ ଅଂଶଗ୍ରହଣ କରିଥିଲେ । ଏହାବ୍ୟତୀତ ଭିଜିଲାନ୍ସ ସଚେତନତା ପରିପ୍ରେକ୍ଷୀରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା ।

## ରାସେଶ୍ୱରୀଙ୍କ ୭୯ତମ ଜୟନ୍ତୀ ପାଳିତ



ସମ୍ବଲପୁର : ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ସମାଜସେବୀ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ୭୯ ତମ ଜନ୍ମଦିନ ସମାସମାରୋହରେ ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ଆରଣ୍ୟକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଥିଲା । ଆରଣ୍ୟକ ମଣ୍ଡପରେ ଆୟୋଜିତ ଭାଗବତ କଥାମୃତର ଉଦ୍‌ଯାପନୀ ଉତ୍ସବରେ ଜନ୍ମଦିନ ପାଳନ କରାଯାଇଥିଲା । ଏହି ଉତ୍ସବରେ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ପୁରୀର ଜଗନ୍ନାଥ ସଂସ୍କୃତିର ପ୍ରବାଚିକା ଶ୍ରୀମତୀ ସରୋଜିନୀ ଦେବୀ, ଉଦ୍ଧବ ମହାପାତ୍ର, ବେଣୁଧର ତ୍ରିପାଠୀ, ଡକ୍ଟର ଶ୍ୟାମ ସୁନ୍ଦର ଧର, ଡାକ୍ତର ସୁରେନ୍ଦ୍ର ପଣ୍ଡା, ପ୍ରାଧାପିକା ଶ୍ରୀଲତା ମିଶ୍ର, ଡାକ୍ତର ଦୁର୍ଗା ଶଙ୍କର ଶତପଥୀ, ସରୋଜ କୁମାର ମହାପାତ୍ର, ପରମେଶ୍ୱର ଦାଶ, ବିମଳ ପାଣ୍ଡିଆ ପ୍ରମୁଖଙ୍କ ସମେତ ପ୍ରାୟ ପାଞ୍ଚଶହ ପୁରୁଷ ଓ ମହିଳା ଯୋଗ ଦେଇ ଡାକ୍ତର ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଉତ୍ସବରେ ଡାକ୍ତର ପାଣିଗ୍ରାହୀଙ୍କ ଦୀର୍ଘ ଜୀବନ କାମନା କରାଯାଇ ଠାକୁରଙ୍କ ପାଖରେ ୭୯ ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା ।

VISION DOCUMENT 2036 | 2047

ଓଡ଼ିଶା ସରକାର

ଓଡ଼ିଶା ଭିଜନ
୨୦୩୬ ଓ ୨୦୪୭



**ପ୍ରିୟ ଭାଇ ଓ ଭଉଣୀମାନେ,**

ଆପଣମାନଙ୍କ ଆଶୀର୍ବାଦରେ ଗଠିତ ଲୋକଙ୍କ ସରକାର ଆମ ରାଜ୍ୟ ଗଠନର ଶତବାର୍ଷିକୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମହତ୍ୱାକାଂକ୍ଷୀ ଯାତ୍ରା ଆରମ୍ଭ କରିଛନ୍ତି ।

ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା ଆମ ଦେଶକୁ ବିକଶିତ ଭାରତରେ ପରିଣତ କରିବା ଲକ୍ଷ୍ୟ ସହିତ ଏହା ଜଡ଼ିତ । ଏଥିପାଇଁ ଭିଜନ ଡକ୍ୟୁମେଣ୍ଟର ପ୍ରସ୍ତୁତି ନିମନ୍ତେ ମୁଁ ଆପଣମାନଙ୍କୁ ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ ଅନୁରୋଧ କରୁଛି ।

ଆଗାମୀ ଦିନରେ ଓଡ଼ିଶାର ସବୁବର୍ଗର ଲୋକଙ୍କ ଉନ୍ନତି ଆମର ଲକ୍ଷ୍ୟ । ସବୁ ଅଞ୍ଚଳର ଦ୍ରୁତ ବିକାଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ସବୁ ନାଗରିକଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ଆବଶ୍ୟକତା ରହିଛି । ଏହି ବିଶାଳ ଲକ୍ଷ୍ୟ ପୂରଣ ଦିଗରେ ଆପଣମାନଙ୍କ ଅଭିନବ ଚିନ୍ତାଧାରା ଓ ସୁଚିନ୍ତିତ ମତାମତ ଖୁବ୍ ସହାୟକ ହେବ ।

ବିକଶିତ ଓଡ଼ିଶା ଗଠନ ପାଇଁ ଆପଣଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିବାକୁ ମୋର ଅନୁରୋଧ ।

(ମୋହନ ଚରଣ ମାଝୀ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା
ଓଡ଼ିଶାର ଭବିଷ୍ୟତ ଗଢ଼ିବାରେ ସାମିଲ ହୁଅନ୍ତୁ ।

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତିରେ ଆମକୁ ସହଯୋଗ କରନ୍ତୁ ।
ଆମେ ପରସ୍ପରକୁ ସହଯୋଗର ହାତ ବଢ଼ାଇଲେ ସମସ୍ତେ ମିଳିମିଶି ଏକ ଉଜ୍ଜ୍ୱଳ,
ଶକ୍ତିଶାଳୀ ଓ ସମୃଦ୍ଧ ଓଡ଼ିଶା ଗଠନ କରିପାରିବା ।
ଆସନ୍ତୁ ଆମେ ଓଡ଼ଶା ପାଇଁ ଯେଉଁ ଭବିଷ୍ୟତର ସ୍ୱପ୍ନ ଦେଖୁଛେ, ତାହା ମିଳିମିଶି ସାକାର କରିବା ।

vision.odisha.gov.in +91 6370951920 vision@odisha.gov.in

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra